Postal Reg. No.GDP-40/2017-2019

بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 2

ସଂଖ୍ୟା 41

ବାର୍ଷିକ ଦେୟ: ୩୦୦/-

ସାପ୍ତାହିକ

# ବଦର

The Weekly କାଦିଆନ

BADAR Qadian

ODIA

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

ଗୁରୁବାର 12 ଅକ୍ଟୋବର୍ 2017   12 ଇଖା 1396 ହି.ଶ   21 ମୋହରମ୍ 1439 ହି.କ

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ ଅ.ବ.ଙ୍କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର ଅ.ବ.ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର ଅ.ବ.ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥

# କଣ କେହି ଏ ଭେଦକୁ ବୁଝିପାରିବ ଯେ ସେମାନଙ୍କ ଭାବନାରେ ମିଥ୍ୟାବାଦୀ ଓ ପାପିଷ୍ଠ ହେଉଛି ମୁଁ କିନ୍ତୁ ମୋବାହଲା ସମୟରେ ଏମାନେ ହିଁ ମରୁଛନ୍ତି ।

## ହଜରତ ମସିହ ମଉଦ ଆ.ସ.ଙ୍କ ନୀତି ବାଣୀ

**୭୧-ଏକସ୍ତରୀତମ ନିଦର୍ଶନ** ଯାହା 'ସିର୍‌ରୁଲ୍ ଖିଲାଫା' ପୁସ୍ତକର ପୃଷ୍ଠା-୬୨ ରେ ଲେଖାହୋଇଛି କି ବିରୋଧିଙ୍କ ଉପରେ ତାଉନ୍ (Plague) ପଡ଼ିବା ପାଇଁ ମୁଁ ଦୁଆ କରିଥିଲି ଅର୍ଥାତ୍ ଏପରି ବିରୋଧି ଯାହାଙ୍କ ଭାଗ୍ୟରେ ହିଦାୟତ ନାହିଁ । ତେଣୁ ଏହି ଦୁଆର କେତେ ବର୍ଷ ପରେ ଏହି ଦେଶକୁ ତାଉନ୍ କବଳିତ କଲା ଏବଂ କିଛି କଠୋର ମୁଖାଲିଫ୍ (ବିରୋଧି) ଏ ସଂସାରରୁ ବିଦାୟ ନେଲେ ଏବଂ ସେ ଦୁଆ ଏହା ଥିଲା :

ଓ୍ୱ ଖୁଜ୍ ରବ୍‌ବି ମନ୍ ଆଦସ୍ ସଲାହା ଓ୍ୱ ମୁଫ୍‌ସିଦନ୍

ଓ୍ୱ ନଜ୍ଜିଲ୍ ଆଲୈହିର୍ ରିଜ୍‌ଜା ହକ୍‌କନ୍ ଓ୍ୱ ଦମ୍ମରି

ଅର୍ଥାତ୍- ହେ ମୋର ଖୁଦା ! ଯେଉଁ ବ୍ୟକ୍ତି ପୁଣ୍ୟମାର୍ଗ ଓ ପୁଣ୍ୟକର୍ମର ଶତୃ ଅଟନ୍ତି ଓ ଫିସାଦ କରୁଛନ୍ତି ତାଙ୍କୁ ଦଣ୍ଡ ଦିଅନ୍ତୁ ଓ ତା ଉପରେ ତାଉନ୍‌ର ଶାସ୍ତି ଅବତୀର୍ଣ୍ଣ କର ଓ ତାକୁ ମାଟିରେ ମିଶାଇ ଦିଅ ।

ଓ୍ୱ ଫର୍‌ରିଯ୍ କୁରୁବି ୟା କରିମି ଓ୍ୱ ନଯ୍‌ଯିନି ଓ୍ୱ ମଜ୍ଜିକ୍ ଖସିମି ୟା ଇଲାହି ଓ୍ୱ ଅଫ୍‌ଫିରି ।

ଅର୍ଥାତ୍- ମୋ ବ୍ୟାକୁଳତା ଦୂର କର ଏବଂ ମୋତେ ଦୁଃଖ ଓ ବିଶାଦରୁ ମୁକ୍ତି ଦିଅ । ହେ ମୋର ଦାତା (ସଖା) ତୁମେ ମୋ ଶତୃଙ୍କୁ ଖଣ୍ଡ ଖଣ୍ଡ କରି ମାଟିରେ ମିଶାଇ ଦିଅ । ଏହି ପେଶ୍‌ଗୋଇ ସେ ସମୟରେ କରାଯାଇଥିଲା ଯେବେ ଏହି ଦେଶର କୌଣସି ଭାଗରେ ତାଉନ୍ (Plague) ର ଚିହ୍ନ ବର୍ଣ୍ଣ ନଥିଲା । (ଦେଖନ୍ତୁ ମୋ ପୁସ୍ତକ ସିର୍‌ରୁଲ୍ ଖିଲାଫାଃ) ମିନ୍‌ହୁ ପୁଣି ପୁସ୍ତକ ଏଯାଜ୍ ଅହେମଦୀରେ ଏ ପେଶ୍‌ଗୋଇ ଥିଲା ।

ଇଜା ମା ଗଜିବ୍‌ନା ଗାଜବଲ୍ଲାହୋ ସାଏଲନ୍ ଅଲା ମୁତଦିନ୍ ୟୁଜି ଓ୍ୱ ବିସ୍ ସୁଏ ୟଯ୍‌ହର୍

ଅର୍ଥାତ୍-ଆମେ ଯେବେ କ୍ରୋଧାତୁର ହେଉ ତେବେ ଖୁଦା ତାଙ୍କ ଉପରେ କ୍ରୋଧିତ ହୋଇଥାନ୍ତି, ଯିଏ ସୀମା ଲଂଘନ କରିଥାଏ ଏବଂ ଖୋଲାଖୋଲି ରୂପେ କୁକାର୍ଯ୍ୟରେ ଲିପ୍ତ ରହିଥାଏ ।

ଓ୍ୱ ୟାତି ଜମାନୁନ୍ କାସିରୁନ୍ କୁଲ୍ଲୁ ଜାଲିମିନ୍ ଓ୍ୱ ହଲ୍‌ୟୁହଲିକନ୍ନଲ୍ ୟୋମା ଇଲ୍ଲଲ୍ ମୁଦମ୍ମର

ଅର୍ଥାତ୍- ସେ ଯୁଗ ଆସୁଅଛି ଯେ (ସେ) ପ୍ରତ୍ୟେକ ଅତ୍ୟାଚାରୀଙ୍କୁ ଖଣ୍ଡ ଖଣ୍ଡ କରିବ ଏବଂ ସେମାନେ ହିଁ ହଲାକ (ନିଃଶେଷ) ହେବେ ଯେଉଁମାନେ ନିଜ ପାପ ଦ୍ୱାରା ହଲାକ୍ ହୋଇସାରିଛନ୍ତି ।

ଓ୍ୱ ଇନ୍ନି ଲଶର୍‌ରୁନ୍ ନାସି ଇଲ୍ଲମ୍ ୟକୁଲ୍ଲହୁମ୍ ୟଜାଉ ଇହାନତିହିମ୍ ସିଗାରୁଇଁ ୟୁସଗ୍‌ଗର୍ ।

ଅର୍ଥାତ୍-ଏବଂ ମୁଁ ସମସ୍ତ ଖରାପ ଲୋକଙ୍କ ଅପେକ୍ଷା ଅଧିକ ଖରାପ ବୋଲି ବୋଲାଇବି ଯଦି ସେମାନଙ୍କ ପାଇଁ ସେମାନଙ୍କ ଇହାନତ୍ (ଭର୍ତ୍ସନା) ର ଫଳ ଇହାନତ୍ ନ ହେବ ।

କଜଲ୍ଲାହୁ ଇନ୍ନତ୍‌ତାଆନା ବିତ୍ ତାଆନି ବଇନନା ଫଜାଲିକା ତାଉନୁନ୍ ଅତାହୁମ୍ ଲିୟୁବ୍‌ସିରୁ

ଅର୍ଥାତ୍-ଖୁଦାତାଲା ଏ ଫଇସଲା କରିଛନ୍ତି ଯେ ତାଆନ୍ (ତିରସ୍କାର) ର ବଦଳା ତାଆନ୍ (ତିରସ୍କାର) ଅଟେ । ସୁତରାଂ ସେହି ତାଉନ୍ (Plague) ହିଁ ତାଙ୍କୁ ଧରିବ ।

ଓ୍ୱମା ତଗଲ୍ ଫିସକୁଲ୍ ମୁବିଦୁ ବିସଇଲିହି ତମନ୍ନୟତୁ ଲୌକାନଲ୍ ଓ୍ୱବାଉଲ୍ ମୁତବ୍‌ବର୍ ।

ଅର୍ଥାତ୍- ଏବଂ ଯେତେବେଳେ ହଲାକ୍ କରିବା ବାଲା କୁକର୍ମ ସୀମାରୁ ବଢ଼ିଗଲା ସେତେବେଳେ ମୁଁ ଇଚ୍ଛା କଲି ଯେ ଏବେ ହଲାକ୍ କରିଦେଉଥିବା ତାଉନ୍ (Plague) ର ଆବଶ୍ୟକ ।

ଏବଂ ତା ପରେ ଏ ଏଲ୍‌ହାମ୍ ହେଲା – ଅଏ ବସ୍ ଖାନାଏ ଦୁଶ୍‌ମନ୍ କେ ତୁ ଓ୍ୱିରାନ୍ କର୍‌ଦି । ଏବଂ ଏହା ଅଲ୍‌ହକମ୍ ଓ ଅଲ୍‌ବଦର୍ ରେ ପ୍ରକାଶ କରାଯାଇଛି ଏବଂ ପୁଣି ଉପରୋକ୍ତ ଦୁଆଗୁଡିକ ଯାହ ଶତୃଙ୍କ ଅତ୍ୟାଚାର ପରେ କରାଯାଉଥିଲା । ଅଲ୍ଲାଃଙ୍କ ଦ୍ୱାରରେ ଗ୍ରହଣୀୟ ହୋଇ ପେଶ୍‌ଗୋଇ ମୁତାବକ ତାଉନ୍ (Plague) ର ଅଜାବ (ଦଣ୍ଡ) ତାଙ୍କ ଉପରେ ଅଗ୍ନି ଭଳି ବର୍ଷା ହେଲା । ଏବଂ ଅନେକ ହଜାର ଶତୃ ଯିଏ ମୋତେ ପ୍ରତ୍ୟାଖ୍ୟାନ କରୁଥିଲେ ଓ ମତେ ଖରାପ ନାମରେ ଡାକୁଥିଲେ ନିଃଶେଷ ହୋଇଗଲେ । କିନ୍ତୁ ଏଠାରେ ଆମେ ଉଦାହରଣ ସ୍ୱରୁପ କିଛି କଠୋର ବିରୋଧିଙ୍କ ଚର୍ଚ୍ଚା କରୁଅଛୁ । ସୁତରାଂ ସର୍ବପ୍ରଥମେ ମୌଲବୀ ରୁସୁଲ୍‌ବାବା ଅମୃତସର ନିବାସୀଙ୍କ ଚର୍ଚ୍ଚା କରୁଅଛୁ ଯିଏ ମୋ ଖଣ୍ଡନରେ ପୁସ୍ତକ ଲେଖିଛନ୍ତି ଏବଂ ବହୁତ କଠୋର ଭାଷା ପ୍ରୟୋଗ କରୁଛନ୍ତି ଓ ଅଳ୍ପ ଦିନର ଜୀବନ ସହିତ ପ୍ରେମ କରି ମିଛ କହିଛନ୍ତି । ପରିଶେଷରେ ଖୁଦାଙ୍କ ପ୍ରତିଶୃତି ଅନୁସାରେ ସେ ତାଉନ୍ (Plague) ଦ୍ୱାରା ହଲାକ ହେଲା । ପୁଣି ତା ପରେ ଜଣେ ବ୍ୟକ୍ତି ମହମ୍ମଦ ବଖସ୍ ନାମୀ ଯିଏ ଡ଼େପୁଟି ଇନିସ୍‌ପେକ୍‌ଟର୍ ବଟାଲା ଥିଲେ । ଶତୃତା ଓ (ମୋତେ) ଦୁଃଖ ପହଂଚାଇବା ପାଇଁ ଅଂଟା ଭିଡିଲା ସେ ମଧ୍ୟ ତାଉନ୍ ରେ ହଲାକ୍ ହେଲା । ପୁଣି ତା'ପରେ ଯମ୍ମୁର ଜଣେ ବ୍ୟକ୍ତି ଯାହାଙ୍କ ନାମ ଚିରାଗ୍ ଦୀନ ଥିଲା । ସେ ମୁଣ୍ଡ ଟେକିଲା ଏବଂ ସେ ରସୁଲ୍ ହେବାର ଦାବୀ କରୁଥିଲା, ଯିଏ ମୋ ନାମ ଦଜ୍ଜାଲ ରଖିଥିଲା ଓ କହୁଥିଲା ଯେ ହଜ୍‌ରତ୍ ଇସା ମୋତେ ସ୍ୱପ୍ନରେ ଅସା (ବାଡ଼ି) ଦେଇଛନ୍ତି ଫଳତଃ ମୁଁ ଇସାଙ୍କ ଅସା ଦ୍ୱାରା ଏହି ଦଜ୍ଜାଲକୁ ହଲାକ୍ (ନିଃଶେଷ) କରିବି । ସୁତରାଂ ସେ ମଧ୍ୟ ମୋର ଏହି ପେଶ୍‌ଗୋଇ ମୁତାବକ ଯାହାକୁ ବିଶେଷ ରୂପେ ତାଙ୍କ ପାଇଁ ହିଁ ''ଦାଫିଉଲ୍ ବଲା ଓ୍ୱ ମେଆର ଅହ୍‌ଲିଲ୍ ଇସ୍‌ତଫା''ପତ୍ରିକାରେ ତାଙ୍କ ଜୀବନରେ ଛପାଇ ପ୍ରକାଶ କରାଯାଇଥିଲା । ସେ ୪ ଏପ୍ରିଲ୍ ୧୯୦୬ ମସିହାରେ ନିଜ ଦୁଇ ପୁତ୍ରଙ୍କ ସହିତ ତାଉନ୍ ଦ୍ୱାରା ହଲାକ୍ ହେଲା । କୁଆଡ଼େ ଗଲା (ସେହି) ଇସାଙ୍କ ଅସା ଯାହା ସାହାଯ୍ୟରେ ସେ ମୋତେ ହତ୍ୟା କରୁଥିଲା ଏବଂ କୁଆଡେ ଗଲା ତା ଏଲ୍‌ହାମ୍ ''ଇନ୍ନି ଲମିନଲ୍ ମୁର୍‌ସଲିନ୍'' ? ଦୁଃଖର ବିଷୟ ଅଧିକାଂଶ ଲୋକ ମନର ଶୁଦ୍ଧିକରଣ ପୂର୍ବରୁ ହଦିସୁନ୍‌ନଫ୍‌ସ (ମନରେ ସୃଷ୍ଟି ହେଉଥିବା ଚିନ୍ତନ) କୁ ହିଁ ଏଲ୍‌ହାମ୍ ବୋଲି ବିବେଚନା କରୁଛନ୍ତି । ତେଣୁ ପରିଶେଷରେ ଅପମାନିତ ଓ ତିରସ୍କୃତ ହୋଇ ସେମାନଙ୍କର ମୃତ୍ୟୁ ହୋଇଥାଏ । ଏବଂ ତାଙ୍କ ବ୍ୟତିତ ଆହୁରି ମଧ୍ୟ କେତେ ଲୋକ ଅଛନ୍ତି ଯେଉଁମାନେ ଦୁଃଖ ପହଂଚାଇବାରେ ଓ ମିଥ୍ୟା ଅପବାଦ ଦେବାରେ ସୀମା ଟପିଯାଇଥିଲେ ଓ ଖୁଦାଙ୍କ ପ୍ରକୋପକୁ ଭୟ କରୁନଥିଲେ ଓ ଦିନରାତି ଥଟ୍ଟା ପରିହାସ କରି ହସୁଥିଲେ ଓ ଦିନରାତି ଗାଳି କରିବା ତାଙ୍କ କାମ ଥିଲା ପରିଶେଷରେ ତାଉନ୍‌ର ଶୀକାର ହୋଇଗଲେ । ଯେପରି ମୁନ୍‌ଶି ମହ୍‌ବୁବେ ଆଲମ୍ ସାହେବ୍ ଅହେମଦୀ ଲାହୋର୍‌ରୁ ଲେଖୁଛନ୍ତି ଯେ ମୋର ଜଣେ ଚାଚା ଥିଲେ ଯାହାଙ୍କ ନାମ ନୁର୍ ଅହେମଦ୍ ଥିଲା । ସେ ଭେଡି ଚଠା ମୌଜା, ତହସିଲ୍ ହାଫିଜାବାଦର ବାସିନ୍ଦା ଥିଲେ । ସେ ଦିନେ ମୋତେ କହିଲେ ଯେ ମିର୍ଜା ସାହେବ୍ ନିଜ ମସିହିୟତ୍ (ଇସାମସିହ୍ ହେବାର) ଦାବୀ ପାଇଁ କାହିଁକି କୌଣସି ନିଶାନ୍ (ଚିହ୍ନ ବା ନିଦର୍ଶନ) ଦେଖାଉନାହାନ୍ତି । ମୁଁ କହିଲି ତାଙ୍କ ଚିହ୍ନ ମାନଙ୍କ ମଧ୍ୟରୁ ତାଉନ୍ ହେଉଛି ଗୋଟିଏ ଚିହ୍ନ ଯାହା ପେଶ୍‌ଗୋଇ ପରେ ଆସିଛି ଏବଂ ଦୁନିଆକୁ ଖାଇ ଚାଲିଛି । ଏକଥା ଶୁଣି ସେ କହିଲେ ଯେ ତାଉନ୍ ଆମକୁ ଛୁଇଁପାରିବ ନାହିଁ ବରଂ ଏହି ତାଉନ୍ ମିର୍ଜା ସାହେବ୍‌ଙ୍କୁ ହଲାକ୍ କରିବା ପାଇଁ ଆସିଛି । ଓ ଏହାର ପ୍ରଭାବ ଆମ ଉପରେ କଦାପି ପଡ଼ିବନାହିଁ, ମିର୍ଜା ସାହେବ୍‌ଙ୍କ ଉପରେ ପଡ଼ିବ । ଏତିକି ବାର୍ତାଳାପ ପରେ କଥା ଶେଷ ହେଲା ।  ଏକ ସପ୍ତାହ ପରେ ଯେବେ ମୁଁ ଲାହୋର୍ ପହଂଚିଲି, ମୋତେ ଖବର ମିଳିଲା ଯେ ଚାଚା ନୁର୍ ଅହେମଦ୍ ତାଉନ୍ ଦ୍ୱାରା ମରିଗଲେ । ଏବଂ ସେହି ଗାଁର ବହୁତ ଲୋକ ଏହି ବାର୍ତାଳାପର ସାକ୍ଷୀ ଅଛନ୍ତି ଏବଂ ଏହା ଏପରି ଘଟଣା ଯାହା ଲୁଚି ପାରିବ ନାହିଁ ।

ଏବଂ ମିଆଁ ମେରାଯୁଦ୍ଦିନ୍ ସାହେବ୍ ଲାହୋର୍‌ରୁ ଲେଖୁଛନ୍ତି ଯେ ମୌଲବୀ ଜଏନୁଲ୍ ଆବେଦୀନ୍ ଯିଏ ମୌଲବୀ ଫାଜିଲ୍ ଓ ମୁନ୍‌ଶି ଫାଜିଲ୍ ପରୀକ୍ଷା ପାସ୍ କରିଥିଲେ ଏବଂ ମୌଲବୀ ଗୁଲାମ୍ ରସୁଲ୍ କିଲାଓ୍ୱାଲେଙ୍କ ବନ୍ଧୁବାନ୍ଧବ ଥିଲେ ଓ ଦୀନି ତାଲିମ୍‌ର୍ ଶିକ୍ଷା ଶେଷ କରିଥିଲେ ଓ ଅଞ୍ଜୁମନ୍ ହିମାୟତ୍ ଇସ୍‌ଲାମ୍ ଲାହୋର୍‌ର ଜଣେ ସମ୍ମାନିତ ଶିକ୍ଷକ ଥିଲେ ସେ ହଜୁର୍‌ଙ୍କ ସତ୍ୟତା ବାବଦରେ ମୌଲବୀ ମହମ୍ମଦ ଅଲୀ ସିଆଲକୋଟିଙ୍କ ସହିତ କଶ୍ମୀର ବାଜାରର ଗୋଟିଏ ଦୋକାନରେ ଛିଡ଼ା ହୋଇ ମୋବାହଲା କଲେ । ପୁଣି ଅଳ୍ପ ଦିନ ପରେ ତାଉନ୍ ରୋଗରେ ମରିଗଲା । ନା ସେ କେବଳ ବରଂ ତାଙ୍କ ସ୍ତ୍ରୀ ମଧ୍ୟ ତାଉନ୍‌ରେ ମରିଗଲେ । ଏବଂ ତାଙ୍କ ଜୋଇଁ ମଧ୍ୟ ଯିଏ ମହକମା ଆକାଉଂଟ୍ ଜେନେରାଲ୍‌ରେ ଚାକିରି କରିଥିଲେ, ତାଉନ୍‌ରେ ମରିଗଲା । ଏହିପରି ତାଙ୍କ ଘରର ୧୭ ଜଣ ଲୋକ ମୋବାହଲା ପରେ ତାଉନ୍ ଦ୍ୱାରା ହଲାକ୍ ହେଲେ ।

ଏହା ଏକ ଆଶ୍ଚର୍ଯ୍ୟ କଥା ଯେ କଣ କେହି ଏହି ରହସ୍ୟକୁ ବୁଝିପାରିବ ଯେ ସେମାନଙ୍କ ଭାବନାରେ କାଜିବ (ମିଛୁଆ), ମୁଫ୍‌ତରି (ଧୋକାବାଜ) ଓ ଦଜ୍ଜାଲ୍ ହେଉଛି ମୁଁ କିନ୍ତୁ ମୋବାହିଲା ସମୟରେ ଏହି ଲୋକମାନେ ମରୁଛନ୍ତି । କଣ ନଉଜୁବିଲ୍ଲାଃ ଖୁଦାଙ୍କ ଦ୍ୱାରା କୌଣସି ଭୁଲ୍ ବୁଝାମଣା ହେଉଛି ? ଏପରି ପୁଣ୍ୟଲୋକଙ୍କ ଉପରେ କାହିଁକି ଏଭଳି ହେଉଛି ଏବଂ ତା ସହିତ ଅପମାନ ଓ ତିରସ୍କାର ମଧ୍ୟ ହେଉଛି । ଓ ମିଆଁ ମେରାଜୁଦ୍ଦିନ୍ ଲେଖୁଛନ୍ତି ଯେ ଏହିପରି କରିମ୍ ବଖଶ୍ ନାମୀ ଜଣେ ବ୍ୟକ୍ତି ଲାହୋର ରେ ଠିକାଦାର୍ ଥିଲେ ଓ ହଜୁରଙ୍କର ଭିଷଣ ଅସମ୍ମାନ, ଧୃଷ୍ଟତା ଓ ଅଶିଷ୍ଟତା କରୁଥିଲା ଏବଂ ଅଧିକାଂଶ ସମୟ ଏପରି କରୁଥିଲା ମୁଁ ବହୁତ ଥର ତାକୁ ବୁଝାଇଲି କିନ୍ତୁ ସେ ମାନୁନଥିଲା । ଶେଷରେ ଯୁବ ବୟସରେ ହିଁ ମୃତ୍ୟୁର ଶିକାର ହେଲା ।     **(ହକିକତୁଲ୍ ଓ୍ୱହି, ରୁହାନି ଖଜାଏନ୍, ଖଣ୍ଡ-୨୨, ପୃଷ୍ଠା-୨୩୫)**

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

# ଇନ୍ଫାକ୍ ଫି ସବିଲିଲ୍ଲାଃ

## (ଅଲ୍ଲାଃଙ୍କ ମାର୍ଗରେ ଖର୍ଚ୍ଚ କରିବା)

ମୌଲାନା ଅତାଉଲ୍ ମୁଯିବ୍ ରାଶିଦ୍ (ଇମାମ୍ ମସ୍ୟିଦ୍ ଫଜଲ୍ ଲଣ୍ଡନ୍)

ଭାଗ - ୪

ହଜ୍ରତ୍ ଅବୁବକର ଓ ହଜରତ୍ ଉମର ର:ଅ ଙ୍କ ଘଟଣାରୁ ଯାହାକୁ ଆପଣମାନେ ଏବେ ପଢ଼ିଲେ, ଶେଷ ଯୁଗରେ ହଜ୍ରତ୍ ମିଆଁ ଶାଦି ଖାଁ ସାହେବ୍ ର:ଅ ଙ୍କ କଥା ମନେ ପଡ଼ିଯାଉଛି । ଆପଣ ସିଆଲ୍କୋଟ୍ର କାଠ ବିକାଳି, ଅଲ୍ଲାଃଙ୍କ ଉପରେ ବହୁତ ଭରସା ରଖିବା ବ୍ୟକ୍ତି ଥିଲେ । ନିର୍ଧନୀ ଥିଲେ କିନ୍ତୁ ହୃଦୟର ରାଜା ଥିଲେ । ଏହି ଉତ୍ସର୍ଗୀ ବ୍ୟକ୍ତିଙ୍କ ନମୁନା ଏପରି ଥିଲା ଯେ ସେ ଗୋଟିଏ ଅବସରରେ ନିଜ ଘରର ସମସ୍ତ ଆସବାବ ବିକ୍ରି କରି ଦେଢ଼ ଶହ ଟଙ୍କା, ସେଥିରେ ପୁଣି ଆଉ ଦୁଇଶହ ଟଙ୍କା ମିଶାଇ ହଜୁର୍ ଆ:ସଙ୍କ ସେବାରେ ପେଶ୍ କରିଦେଲେ । ସେ ଯୁଗ ହିସାବରେ ଏହା ବହୁତ ବଡ଼ କୁର୍ବାନୀ (ତ୍ୟାଗ) ଥିଲା । ହଜ୍ରତ୍ ମସିହ୍ ପାକ୍ ଆ:ସ ଗୋଟିଏ ମଜ୍ଲିସ୍ ରେ ତାଙ୍କ ଉପରେ ପ୍ରସନ୍ନତା ପ୍ରକଟ କରି କହିଲେ ଯେ ମିଆଁ ଶାଦି ଖାଁ ତ ନିଜର ସବୁ କିଛି ପେଶ୍ କରିଦେଲେ । ଏବଂ ''ବାସ୍ତବିକ ସେ ସେହି କାମ କରିଛନ୍ତି ଯାହାକୁ ହଜ୍ରତ୍ ଅବୁବକର୍ ର:ଅ କରିଥିଲେ'' । (ବହୱାଲା ମୟ୍ମୁଆ ଇଶ୍ତେହାରାତ୍ ଖଣ୍ଡ-୩, ପୃଷ୍ଠା-୩୧୫)

ମିଆଁ ଶାଦି ଖାଁ ସାହେବ୍ ର:ଅ ଏହା ଶୁଣିବା ପରେ ସିଧା ଘରକୁ ଗଲେ । ସବୁଆଡ଼େ ଆଖି ବୁଲାଇ ଆଣିଲେ । ସବୁ ଘର ଖାଲି ହୋଇଯାଇଥିଲା । କେବଳ କିଛି ଖଟିଆ ବାକି ରହିଯାଇଥିଲା । ଶିଘ୍ର ଶିଘ୍ର ଏ ସବୁକୁ ବିକ୍ରି କରିଦେଲେ ଓ ସବୁ ଅର୍ଥ ପୁଣି ହଜୁରଙ୍କ ଗୋଚରରେ ରଖିଦେଲେ । ଏହିପରି ହଜୁରଙ୍କ ମୁଖରୁ ବାହାରିଥିବା କଥା ଗୋଟି ଗୋଟି ହୋଇ ପୁରଣ କରିଦେଲେ । ଏବଂ ପୁଣି ଦେଖନ୍ତୁ ଯେ ଅଲ୍ଲାଃତାଲା ଏହି ଉତ୍ସର୍ଗୀ ଖାଦିମ୍ଙ୍କୁ କିପରି ଅନୁଗ୍ରହ କଲେ । ତାଙ୍କର ମୃତ୍ୟୁ ହେଲା । ତାଙ୍କର ଶେଷ ଆରାମ ସ୍ଥଳୀ ବେହେଶ୍ତି ମକ୍ବରା ର ଏପରି ସ୍ଥାନରେ ହେଲା ଯାହା ହଜ୍ରତ୍ ମସିହ୍ ପାକ୍ ଆ:ସ ଙ୍କ ମଜାର ମୋବାରକ (ପବିତ୍ର କବର) ଠାରୁ କିଛି ହାତ ଦୁରତାରେ ଥିଲା । ଏବଂ ପରେ ପବିତ୍ର ଚାରିକାନ୍ଥ ଭିତରେ ରହିଲା ।

ଇନ୍ଫାକ୍ ଫି ସବିଲିଲ୍ଲାଃ ର ସୌଭାଗ୍ୟ କୌଣସି ଲୋକଙ୍କୁ ତେବେ ମିଳିଥାଏ ଯେବେ ତାକୁ ତୌକଲ୍ ଇଲ୍ଲଲ୍ଲାହ୍ (ଅଲ୍ଲାଃ ଙ୍କ ଉପରେ ସମ୍ପୂର୍ଣ୍ଣ ଭରସା ରଖିବା) ର କୃପା ହାସଲ ହୋଇଥାଏ । ଏ ସମ୍ପର୍କରେ ହଜ୍ରତ୍ ସୁଫି ଅହେମଦ୍ ଯାନ୍ ସାହେବ ର:ଅ ଲୁଧିୟାନୁଇଙ୍କ ସୁନ୍ଦର ନମୁନା ମନେରଖିବା ଯୋଗ୍ୟ ଅଟେ । ଆପଣଙ୍କ ସୁପୁତ୍ର ହଜ୍ରତ୍ ସାହେବ୍ଜାଦା ପୀର୍ ଇଫ୍ତେଖାର୍ ଅହେମଦ୍ ସାହେବ ର:ଅ ବର୍ଣ୍ଣନା କରୁଛନ୍ତି:- ଆମ ଘରେ (ଟଙ୍କା) ଖର୍ଚ୍ଚ ନଥିଲା । ମୋ ବାପା ମୋ ମା'ଙ୍କୁ ପଚାରିଲେ ଯେ ଅଟା ଅଛି ? କହିଲେ ନାହିଁ, ମାଲ୍ ଅଛି ? ଉତର ନା ରେ ମିଳିଲା ଜାଳେଣି ଅଛି ? ସେହି ଉତର ଥିଲା । ପକେଟ୍ରେ ହାତ ପୁରାଇଲେ କେବଳ ଦୁଇଟଙ୍କା ଥିଲା । କହିଲେ ! ଏଥିରେ ତ ଏତେ ଜିନିଷ ପୁରଣ ହୋଇପାରିବ ନାହିଁ । ଭଲହେବ ମୁଁ ଏହି ଦୁଇ ଟଙ୍କାରେ ବେପାର କରୁଛି । ସେହି ଦୁଇଟଙ୍କା କୌଣସି ଗରିବକୁ ଦେଇ ନିଜେ ନମାଜ ପଢ଼ିବାକୁ ଚାଲିଗଲେ । ରାସ୍ତାରେ ଅଲ୍ଲାଃତାଲା ଦଶଟଙ୍କା ପଠାଇଲେ । ନମାଜ ପଢ଼ି ଫେରିଲେ ଓ କହିଲେ ''ଦେଖ ମୁଁ ବେପାର କରି ଆସିଛି । ଏବେ ସବୁ ଜିନିଷ ମଗାଇ ଦିଅ । ଅଲ୍ଲାଃଙ୍କ ରାସ୍ତାରେ ମାଲ୍ ଦେଲେ କମେ ନାହିଁ ବଢ଼େ'' (ଇନାମାତ୍ ଖୁଦାୱନ୍ଦ୍ କରିମ୍, ପୃଷ୍ଠା-୨୨୧-୨୨୨, ଲେଖକ ହଜ୍ରତ୍ ସାହାବ୍ଜାଦା ପୀର ଇଫତିଖାର୍ ଅହେମଦ୍ ସାହେବ୍ ଲୁଧିୟାନୁଇ)

ଦୀନ୍ (ଧର୍ମ) ମାର୍ଗରେ ମାଲି କୁର୍ବାନୀର ଗୋଟିଏ ମହାନ୍ ଓ ଉତମ ଦୃଷ୍ଟାନ୍ତ ହଜ୍ରତ୍ ମସିହ୍ ପାକ୍ ଆ:ସଙ୍କ ସାହାବି ହଜ୍ରତ୍ ଚୌଧୁରୀ ଜଫ୍ରୁଲ୍ଲାଃ ଖାନ୍ ସାହେବ୍ଙ୍କର ଅଛି । ଷାଠିଏ ଦଶକରେ ଲଣ୍ଡନ୍ ମିଶନ୍ରେ ଏ ଯୋଜନା ଚାଲିଥିଲା ଯେ ଯମାତ୍ ଅହେମଦୀୟା ବ୍ରିଟେନ୍ର ମରକଜ୍ରେ ଥିବା ଦୁଇଟି କୋଠି (ଭବନ)କୁ (ଯିଏ ବହୁତ ପୁରୁଣା ହୋଇଯାଇଥିଲେ) ଭାଙ୍ଗି ଗୋଟିଏ ବଡ଼ କମ୍ପ୍ଲେକ୍ସ ତିଆରି କରାଯାଉ ଯେଉଁଥିରେ ଗୋଟିଏ ବଡ଼ ହଲ୍, କାର୍ଯ୍ୟାଳୟ, ଦୁଇଟି ବଡ଼ ଆବାସ ସ୍ଥଳୀ ଏବଂ ଗୋଟିଏ ଛୋଟ ରହିବା ଫ୍ଲାଟ୍ ନିର୍ମାଣ ହେବ । ଏହି ସବୁ କାର୍ଯ୍ୟ ପାଇଁ ଯମାତ୍ ପାଖରେ ସେ ସମୟରେ ଦରକାର ହେଉଥିବା ଏକ ଲକ୍ଷ ପାଉଣ୍ଡ ଅର୍ଥ ନଥିଲା । ଯମାତି ଆବଶ୍ୟକତାକୁ ପୁରଣ କରିବା ପାଇଁ ବ୍ୟାଙ୍କ ଋଣ ନେଇ ସୁଧ ଦେବା ମଧ ଯମାତ୍ର ବିଧି ନୁହେଁ ।

ବହୁତ ଚିନ୍ତା କରିବା ଓ ଚେଷ୍ଟା କରିବା ପରେ ଯେବେ କୌଣସି ରାସ୍ତା ଦେଖା ନଗଲା ତେବେ ଯାଇ ହଜ୍ରତ୍ ଚୌଧୁରୀ ସାହେବ୍ଙ୍କୁ ନିବେଦନ କରାଗଲା ଯେ କଣ ଆପଣ ଏ ଅର୍ଥ ଯୋଗାଡ଼ କରାଇପାରିବେ ଯାହାକୁ ପରେ କିସ୍ତିରେ ଆପଣଙ୍କୁ ଫେରାଇ ଦିଆଯିବ । ଆପଣ ଏଥିରେ ରାଜିହେଲେ । କେରାନ୍ ଶିକ୍ଷା ମୁତାବକ ଏ ଉଦ୍ଦେଶ୍ୟରେ ଗୋଟିଏ ଚୁକ୍ତିନାମା ଲେଖାହେଲା ଯେ ହଜ୍ରତ୍ ଚୌଧୁରୀ ସାହେବ୍ ଯମାତ୍କୁ ଏକ ଲକ୍ଷ୍ୟ ପାଉଣ୍ଡ୍ ଦେବେ ଏବଂ ଯମାତ୍ ଧାର୍ଯ୍ୟ ସମୟ ଭିତରେ ଏହାକୁ ଫେରାଇବାର ଦାୟିତ୍ୱ ନେବ । ସେ କହିଲେ ଯେ ମୁଁ ଏହା ଉପରେ ଗଭୀର ଚିନ୍ତା କରି ଓ ଅନୁଧ୍ୟାନ କରି ଦସ୍ତଖତ ସହିତ କାଲି ଦେଇଦେବି ।

ତା ପରଦିନ ସକାଳେ ଚୌଧୁରୀ ସାହେବ କହିଲେ ଯେ ମୁଁ ଏ ସମ୍ପର୍କରେ ଚିନ୍ତା କଲି ଓ ଦିଆନତ୍ଦାରୀ (ସତ୍ୟନିଷ୍ଠତା ସହିତ) ସହିତ ଏହା ଉପରେ ଅନୁଧ୍ୟାନ କଲି ତା ପରେ ମୋ ମନ ମତେ କହିଲା ଜଫ୍ରୁଲ୍ଲାଃ ଖାନ୍ ! ଆଜି ତୁମେ ଯାହା କିଛି ହୋଇପାରିଛ କେବଳ ଅହେମଦୀୟତ୍ ପାଇଁ ହୋଇଛ । ତୁମେ ଯାହା କିଛି ପାଇଛ ତାହା ସବୁ ଯମାତ୍ର ଅନୁଗ୍ରହ । କଣ ଏବେ ତୁମେ ଏହି ଉପକାରୀ ଯମାତ୍କୁ ଏକ ଧନରାଶି ଉଧାର ଦେବାକୁ ଚାହୁଁଛ ? ମୋ ମନ ମୋତେ ବହୁତ ଭର୍ତ୍ସନା କଲା ଏବଂ ମୁଁ ମୋର ନିଷ୍ପତି ଦ୍ୱାରା ବହୁତ ଲଜ୍ଜିତ ହେଲି ଏବଂ ବହୁତ୍ ଇସ୍ତେଗ୍ଫାର୍ କଲି । ଏହି କ୍ଷଣି ମୁଁ ଏ ଫଇସଲା କରିସାରିଛି ଯେ ମୁଁ ଏହି ଆବଶ୍ୟକ ଅର୍ଥକୁ ଉଧାର ଆକାରରେ ନୁହେଁ ବରଂ ଏକ ବିନମ୍ର ଦାନ ଆକାରରେ ଯମାତର ସେବାର ପ୍ରଦାନ କରିବି । ଏହା କହି ଆପଣ ଯମାତ୍ର ଚୁକ୍ତିପତ୍ରକୁ ଚିରିଦେଲେ । ଏବଂ ଏକ ଲକ୍ଷ୍ୟ ପାଉଣ୍ଡ୍ର ଚେକ୍ ସେହି କ୍ଷଣି ଯମାତ୍କୁ ଅର୍ପଣ କଲେ । ତତ୍ସହିତ ଏହା ମଧ ନିବେଦନ କଲେ ଯେ ମୋର ଏହି ଦେବା ବିଷୟ ହଜ୍ରତ୍ ଖଲିଫତୁଲ୍ ମସିହିଲ୍ ସାଲିସ୍ ର:ଅ ଙ୍କ ବ୍ୟତୀତ ଆଉ କାହାକୁ ମୋ ଜୀବନରେ କଦାପି ଚର୍ଚ୍ଚା ନ କରାଯାଉ । କୁର୍ବାନୀ, ବିନମ୍ରତା ଏବଂ ନିଷ୍ଠାର କି ସୁନ୍ଦର ଦୃଷ୍ଟାନ୍ତ !

ହଜ୍ରତ୍ ମସିହ୍ ପାକ୍ ଆ:ସ ଙ୍କ ସାହାବାଙ୍କ ନିକଟରେ ମାଲି କୁର୍ବାନୀର ଭାବନା ଏପରି ଭରି ରହିଥିଲା ଯେ ସେମାନେ ଏଥିପାଇଁ ନୁଆ ନୁଆ ରାସ୍ତା ଗ୍ରହଣ କରୁଥିଲେ । ଗୋଟିଏ ଛୋଟିଆ ଉଦାହରଣ ଉପସ୍ଥାପନ କରୁଛି । ଯେଉଁଥିରେ କୁର୍ବାନୀ ନିମନ୍ତେ ଅପାର ଉତ୍ସାହ ଥିବା ଦୃଷ୍ଟିଗୋଚର ହେଉଅଛି ।

ହଜ୍ରତ୍ ମସିହ୍ ମଉଦ୍ ଆ:ସ ଙ୍କର ଜଣେ ସାହାବି ସାଇଁ ଦିୱାନ୍ ଶାହ୍ ସାହେବ ର:ଅ ନିଜର ବାରମ୍ବାର କାଦିଆନ୍ ଆସିବା କାରଣ ଏପରି ବର୍ଣ୍ଣନା କରୁଛନ୍ତି । କହୁଛନ୍ତି : ''ଯେହେତୁ ମୁଁ ଗରୀବ ଅଟେ ତେଣୁ ଚାନ୍ଦା ତ ଦେଇପାରିବି ନାହିଁ । ଏଥିପାଇଁ କାଦିଆନ୍ ଯାଉଛି ଯେ ଅତିଥିମାନଙ୍କ ନିମନ୍ତେ ଖଟିଆ ବୁଣି ଆସିବି ଫଳତଃ ମୋ ମୁଣ୍ଡରୁ ଚାନ୍ଦାର ବୋଝ ଓହ୍ଲାଇ ଯିବ'' । (ଅସ୍ହାବେ ଅହେମାନ୍ ଖଣ୍ଡ-୧୩, ପୃଷ୍ଠା-୯)

ଯଦି ଧନ ଅଛି ତେବେ ଏହାର ଇଚ୍ଛା ଏବଂ କାମନା ହେବା ସତ୍ୱେ ଦୀନି (ଧର୍ମୀୟ) ଆବଶ୍ୟକତାକୁ ଅଗ୍ରାଧିକାର ଦେବା ଏବଂ ଅଲ୍ଲାଃଙ୍କ ମାର୍ଗରେ ଖର୍ଚ୍ଚ କରିବା ନିଶ୍ଚିତ ରୂପେ ବହୁତ ସାହସର କଥା । ଏବଂ ତାହା ମହାନ୍ ପୁଣ୍ୟର ଅଧିକାରୀ ଅଟେ । କିନ୍ତୁ ନିର୍ଧନ ଅବସ୍ଥାରେ ଖୁଦାଙ୍କ ମାର୍ଗରେ ଖର୍ଚ୍ଚ କରିବା ବରଂ ନିଜର ସବୁକିଛି ପେଶ୍ କରିଦେବା ନିଶ୍ଚିତ ରୂପେ ଧର୍ଯ୍ୟ ଏବଂ ତ୍ୟାଗର ଅତ୍ୟନ୍ତ ଉଚ୍ଚ ସ୍ଥାନ ଅଟେ । ହଜ୍ରତ୍ ମସିହ୍ ମଉଦ୍ଙ୍କର ଆଉ ଜଣେ ସାହାବିଙ୍କ ଉଦାହରଣ ଉପସ୍ଥାପନ କରୁଛି । ଯାହାଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ଏହି ନିମିତକୁ ହାସଲ ହୋଇଛି । ହଜ୍ରତ୍ ବାବୁ ଫକୀର ଅଲୀ ସାହେବ୍ ର:ଅ ଅମୃତସରରେ ଥିଲେ । ହଜୁର୍ଙ୍କ ତରଫରୁ ଚାନ୍ଦା ଆଦାୟକାରୀ ପହଂଚିଗଲେ । ନଗଦ ରାଶି ତ ନଥିଲା । ଆପଣଙ୍କ ପାଖରେ ସେତେବେଳେ କେବଳ ପାଖାପାଖି ଅଧା ସେର ଅଟା ଥିଲା । ଆପଣ ସେ ସବୁ ପେଶ୍ କରିଦେଲେ । ଆପଣ ଓ ଆପଣଙ୍କ ପିଲାପିଲି ସାରା ରାତି ଭୋକିଲା ରହିଲେ । (ଅଲ୍ଫଜଲ୍ ୧୮ ଜାନୁଆରୀ ୧୯୭୭)

ମାଲି କୁର୍ବାନୀର ମହାନ୍ ସ୍ତର ତାର ପରିମାଣ ନୁହେଁ ବରଂ ସେହି ନିଷ୍ଠା, ଉତ୍ସାହ ଓ ନିୟତ୍ ଅଟେ ଯାହାଦ୍ୱାରା ସେହି କୁର୍ବାନୀ ପେଶ୍ କରାଯାଏ । ହଜ୍ରତ୍ ମିର୍ଜା ଅବ୍ଦୁଲ୍ ହକ୍ ସାହେବ୍ ମରହୁମ୍ ଆଡ଼ଭୋକେଟ୍ ସରଗୋଦା ଜଣେ ଅହେମଦୀ ସିକା (ପାଣି ପିଆଉଥିବା ବ୍ୟକ୍ତି) ଙ୍କ ଘଟଣା ବହୁତ ସ୍ଥାନରେ ବହୁବାର କହିଛନ୍ତି ଯେ ତାଙ୍କ କାମ ଥିଲା ସହରର ନାଳ ସଫା କରୁଥିବା ଲୋକମାନଙ୍କୁ ପାଣି ପିଆଇବା । ତାଙ୍କର ମାସିକ ଆୟ (ସେ ସମୟରେ) କେବଳ ୩୨ ଟଙ୍କା ହେଉଥିଲା । ସେ ଏହି ଆୟରୁ ନିୟମିତ ୨୦ ଟଙ୍କା ଚାନ୍ଦା ଆକାରରେ ଦେଉଥିଲେ । ଏବଂ ବାକି ୧୨ ଟଙ୍କାରେ ନିଜ କୁଟୁମ୍ବର ଭରଣ ପୋଷଣ କରୁଥିଲା । ନିଶ୍ଚିତ ରୂପେ ତ୍ୟାଗର ଏହି ସ୍ତର ବହୁତ ଈର୍ଷା ଉପଯୋଗୀ ଅଟେ ଏବଂ ବହୁତ ଲୋକଙ୍କ ପାଇଁ ଶିକ୍ଷଣୀୟ ।

କାଦିଆନ୍ର ଜଣେ ଦରୱେଶ୍ଙ୍କର ପ୍ରେମପୁର୍ଣ୍ଣ ତ୍ୟାଗ୍ର ଶୈଳୀ ଏପରି ଯେ ତାହା ଜାଣି ଆତ୍ମା ଉପରେ ଏକ ଅତ୍ୟୁତ୍ସାହ ଅବସ୍ଥା ପ୍ରକଟ ହୋଇଯାଏ । ଶମ୍ସୁଦ୍ଦିନ୍ ସାହେବ୍ ଦରୱେଶ୍ ର:ଅ ଶାରିରୀକ ଅକ୍ଷମ ଥିଲେ । ସାରାଦିନ ନିଜ ଘରେ ପଡ଼ି ରହୁଥିଲେ । ୱସିୟତ୍ର ନିଜାମ ୧୯୦୫ ମସିହାରେ ଆରମ୍ଭ ହେଲା । ସେ ୧୯୧୯ ରେ ଏଥିରେ ସାମିଲ୍ ହେଲେ କିନ୍ତୁ ଏପରି ଜଣେ ଶାରିରୀକ ଅକ୍ଷମ ଏବଂ ବିବଶ ବ୍ୟକ୍ତିଙ୍କ ଖୋଲା ହୃଦୟ ଓ ତ୍ୟାଗର ନମୁନା ଦେଖନ୍ତୁ କି ଆପଣ ୧୯୦୧ ମସିହାରୁ ୱସିୟତ୍ ଚାନ୍ଦା ଦେବା ଆରମ୍ଭ କରିଦେଲେ । ଏବଂ ନା କେବଳ ଜୀବନସାରା ଚାନ୍ଦା ଦେଲେ ବରଂ ଆସନ୍ତା ବର୍ଷମାନଙ୍କ ନିମନ୍ତେ ମଧ ଅଗ୍ରୀମ ଚାନ୍ଦା ପଇଠ କଲେ ଏହିପରି ୧୯୯୦ ମସିହା ପର୍ଯ୍ୟନ୍ତ ୱସିୟତ୍ ଚାନ୍ଦା ପଇଠ କରିଦେଲେ ଯଦିଚ ତାଙ୍କର ମୃତ୍ୟୁ ୧୯୫୦ ମସିହାରେ ହୋଇଥିଲା । ଯେପରି ସେ ଭାଷାଚିତ୍ର (Pictorial Language) ଦ୍ୱାରା କହିବାକୁ ଚାହୁଁଥିଲେ ଯେ ମୁଁ କାଳେ ହଜ୍ରତ୍ ମସିହ୍ ମଉଦ ଆ:ସଙ୍କ ଆବିର୍ଭାବ ସମୟରେ ପ୍ରଥମ ଅହେମଦୀଙ୍କ ମଧ୍ୟରେ ସାମିଲ୍ ହୋଇଥାନ୍ତି । ଏବଂ କାଳେ ମୁଁ ୧୯୯୦ ମସିହା ପର୍ଯ୍ୟନ୍ତ ଜୀବନ ପାଇ ଇସ୍ଲାମ୍ର ସେବା କରିଚାଲିଥାନ୍ତି । ତ୍ୟାଗର ଏପରି ଅନୁପମ ଉତ୍ସାହ ଏପରି ଜଣେ ବ୍ୟକ୍ତିଙ୍କର ଥିଲା ଯିଏ ଶାରିରୀକ ଅକ୍ଷମ ଥିଲେ । ଚାଲିବୁଲି ପାରୁନଥିଲେ, କଡ ଲେଉଟାଇ ପାରୁନଥିଲେ, ସେ ଖନା ଥିଲେ କିନ୍ତୁ ଏହି ତ୍ୟାଗି ପୁରୁଷଙ୍କ ହୃଦୟ କେତେ ଗତିଶୀଳ ଓ ତ୍ୟାଗର ଭାବନାରେ ପୁର୍ଣ୍ଣ ଥିଲା । (ବ ହୱାଲା ୱହ୍ ଫୁଲ୍ ଯୋ ମୁରଝା ଗଏ, ଲେଖକ ଚୌଧୁରୀ ଫଏଜ୍ ଅହେମଦ୍ ଗୁଜୁରାତି ଭାଗ-୧, ପୃଷ୍ଠା-୬୦-୬୨)

ଅତ୍ୟନ୍ତ ଜଟିଳ ଓ କଠିନ ପରିସ୍ଥିତିରେ ହୃଦୟର ଭାବନାକୁ ତ୍ୟାଗ କରି ଖୁଦାଙ୍କ ମାର୍ଗରେ ବଳିଦାନ କରିବା କୌଣସି ସାଧାରଣ କଥା ନୁହେଁ । ଏହାର ଅଗଣତି ଉଦାହରଣ ଅହମଦିୟତ୍ର ଇତିହାସରେ ଅନେକ ସ୍ଥାନେ ପ୍ରଜ୍ୱଳିତ ହେବାର ଦୃଷ୍ଟିଗୋଚର ହେଉଛି । ହଜ୍ରତ୍ କାଜି ମହମ୍ମଦ୍ ୟୁସୁଫ୍ ସାହେବ ପେଶାୱରି ର:ଅ ହଜ୍ରତ୍ ମସିହ୍ ମଉଦ୍ ସମୟର ଗୋଟିଏ ଘଟଣା ଏପରି ବର୍ଣ୍ଣନା କରିଛନ୍ତି ଯେ ୱଜିରାବାଦ୍ର ଶେଖ ଖାନ୍ଦାନ୍ର ଜଣେ ଯୁବକ ମରିଗଲେ । ତାଙ୍କ ବାପା କଫନ ଓଦଫନ୍ (ଅନ୍ତିମ ସଂସ୍କାର) ପାଇଁ ୨୦୦ ଟଙ୍କା ରଖିଥିଲେ । ହଜ୍ରତ୍ ମସିହ୍ ମଉଦ୍ ଆ:ସ ଲଙ୍ଗର ଖାନାର ଖର୍ଚ୍ଚ ନିମନ୍ତେ ଆହ୍ୱାନ ଦେଲେ । ତାଙ୍କ ପାଖକୁ ମଧ ଚିଠି ଗଲା । ସେ ହଜ୍ରତ୍ ମସିହ୍ ମଉଦ୍ ଆ:ସ ଙ୍କ ନିକଟକୁ ଅର୍ଥ

*ଅବଶିଷ୍ଟାଂଶ ପୃଷ୍ଠା-୭ ରେ ଦେଖନ୍ତୁ......*

# ଖୁତ୍ବା ଜୁମା

★ ହୁଜୁର ଅନଓ୍ୱର ଅ:ବ ନିମ୍ନ ପକ୍ତିଂ ପାଠକଲେ-**ଉଦ୍ଉ ଇଲା ସବିଲେ ରବ୍ବିକା ବିଲ୍ ହିକ୍ମତେ ଓ୍ୱଲମୋଇଜାତିଲ୍ ହସନତେ ଓ୍ୱ ଜାଦିଲ୍ହୁମ୍ ବିଲ୍ ଲତିହିୟା ଅହସନ୍ । ଇନ୍ନା ରବ୍ବକା ହୁଓ୍ୱା ଆଲମୁ ବିମନ୍ ଜଲ୍ଲା ଅନ୍ ସବିଲିହି ଓ୍ୱହୁଓ୍ୱା ଆଲମୁ ବିଲ୍ ମୁହତଦିନ୍** । ଅର୍ଥାତ ହେ ରସୁଲ୍ (ଲୋକମାନଙ୍କୁ) ସତ୍ଜ୍ଞାନ ଓ ସତ୍ ଉପଦେଶ ମାଧ୍ୟମରେ ନିଜ ପାଳନକର୍ତାଙ୍କ ପଥ ଆଡ଼କୁ ଡ଼ାକ ଏବଂ ସେମାନଙ୍କ ସହିତ ଏପରି ରୀତିରେ (ଧର୍ମ)ତର୍କ କର ଯାହା ସର୍ବୋତ୍ତମ ଅଟେ ।

★ ହଜୁର ଅନଓ୍ୱର ଅ.ବ କହିଲେ- ସର୍ବଦା ମନେରଖିବା ଉଚିତ୍ ଯେ, ଧର୍ମପ୍ରଚାର ନିମନ୍ତେ ଅବା ଅନ୍ୟ କୌଣସି ପ୍ରକାର କାର୍ଯ୍ୟ କରିବା ପୂର୍ବରୁ ସେଥିପାଇଁ ଯୋଜନା ପ୍ରସ୍ତୁତ କଲାବେଳେ ମଜଲିସ୍ ଶୁରାର (ସଭ୍ୟଙ୍କ) ସମ୍ମୁଖରେ ଅନେକ ରାଏ ରଖାଯାଇଥାଏ ତନ୍ମଧ୍ୟରୁ ଗୋଟିଏ ଚୟନ କରି ତାହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ସେମାନେ ଏକ **ଲାହେ ଅମଲ୍** ପ୍ରସ୍ତୁତ କରିଥାନ୍ତି ଏବଂ ତାହାକୁ ସ୍ୱୀକୃତି ପାଇଁ ଖଲିଫାଙ୍କ ନିକଟକୁ ପ୍ରେରଣ କରିଦେଇଥାନ୍ତି । ଯେତେବେଳେ ତାହା ସ୍ୱୀକୃତି ପ୍ରାପ୍ତ କରିନିଏ ସେତେବେଳେ ତଦନୁଯାୟୀ ନିଜର ସମସ୍ତ ଶକ୍ତି ଓ ସାମର୍ଥ୍ୟ ବିନିଯୋଗ କରି ଅମଳ କରିବା ଓ କରାଇବା ମଜଲିସ୍ ଶୁରାର ପ୍ରତ୍ୟେକ ସଦସ୍ୟଙ୍କର କର୍ତବ୍ୟ ଏବଂ ଜମାଅତର ପ୍ରତ୍ୟେକ ବିଭାଗର କର୍ମକର୍ତାମାନଙ୍କର କର୍ତବ୍ୟ ।

★ ଅଲ୍ଲାଃ ଯେଉଁ କାର୍ଯ୍ୟ ପ୍ରତି ଆମର ଧ୍ୟାନ ଆକର୍ଷିତ କରିଛନ୍ତି ସେଥିରେ ରହସ୍ୟ ଓ ସୁନ୍ଦର ଉପଦେଶାବଳୀ ଅନ୍ତର୍ନିହିତ ରହିଛି । ପୁନଃ କହିଲେ କି (ଧର୍ମ)ତର୍କ ସମୟରେ ଏଭଳି ପ୍ରମାଣ ଦିଅ ଯାହା ଉପଯୁକ୍ତ ଓ ଉତମ ଅଟେ । ଆଜିକାଲି ନାମକୁ ମାତ୍ର ମୌଲବି ବୋଲାଉଥିବା ଲୋକ ଓ ଆତଙ୍କବାଦୀମାନେ ନିଜର ପାଗଳାମି ଓ ମୁର୍ଖ ପରି ପ୍ରମାଣହୀନ କଥାରେ ଇସଲାମକୁ ଏଭଳି ବଦନାମ କରୁଛନ୍ତି ଯେ, ଅଣମୁସଲମାନ ଲୋକେ ମଣୁଛନ୍ତି କି ଇସଲାମ ପ୍ରମାଣ ଶୂନ୍ୟ ଓ ନିରର୍ଥକ ଧର୍ମ ଅଟେ (**ନଉଜୁବିଲ୍ଲାଃ**) ଏବଂ କେବଳ କଠୋରତାବାଦ ହିଁ ଏହାର ଶିକ୍ଷା ଅଟେ ।

★ **ହିକମତ୍ର ଗୋଟିଏ ଅର୍ଥ ସତ୍ୟ ଓ ସୁଦୃଢ ତଥ୍ୟ ଉପସ୍ଥାପନ କରିବା ଅଟେ ଯାହାକି ସତ୍ୟସିଦ୍ଧି ନିମନ୍ତେ ଯଥେଷ୍ଟ ହେଉଥିବ** ଏବଂ ତାହାକୁ ପ୍ରମାଣ କରିବା ନିମନ୍ତେ ଆମ୍ଭକୁ ଆଉ ଅଧିକ ପ୍ରମାଣର ଆବଶ୍ୟକତା ଲୋଡ଼ା ପଡୁନଥିବ । ଅତଏବ ଲମ୍ବା ଯୁକ୍ତିତର୍କ କରିବା ପରିବର୍ତେ ଆପତିର (ମୂଳ କଥା) ଅନୁଧ୍ୟାନ କରି ଏଭଳି ସୁଦୃଢ ତଥ୍ୟର ସହିତ ଆପତିର ଖଣ୍ଡନ କରିବାକୁ ଚେଷ୍ଟା କରିବା ଉଚିତ୍ ।

★ **ହିକମତ୍ର ଆଉ ଗୋଟିଏ ଅର୍ଥ ନ୍ୟାୟ ଅଟେ** । ଏଭଳି ଆପତି କରିବା ଉଚିତ୍ ନୁହେଁ ଯାହା ଓଲଟି ଆମ ଉପରେ ପଡୁଥିବ । ଅଲ୍ଲାଃତାଲାଙ୍କ କୃପାରୁ ସାଧାରଣତଃ ଆମ୍ଭେ ଏଭଳି ପରିସ୍ଥିତିର ସମ୍ମୁଖୀନ ହୋଇନଥାଉ କିନ୍ତୁ ଅଣଅହେମଦି ଓ ଅଣମୁସଲମାନମାନେ ଏଭଳି ପରିସ୍ଥିତିର ସମ୍ମୁଖୀନ ହୋଇଥାନ୍ତି । ଅଣଅହେମଦିମାନେ ହଜରତ ମସିହ ଉମଦ ଆ.ସଙ୍କ ଉପରେ ଏଭଳି ଆପତି କରି ଦେଇଥାନ୍ତି ଯାହାକି ଅନ୍ୟ ଅବତାରମାନଙ୍କ ଉପରେ ମଧ୍ୟ (ଉକ୍ତ ଆପତି) ପଡ଼ିଥାଏ ।

★ ହଜରତ ମହମ୍ମଦ ସ.ଆ କହିଛନ୍ତି ଲୋକମାନଙ୍କ ଜ୍ଞାନ ଓ ବୁଝିବାର ସାମର୍ଥ୍ୟ ଅନୁଯାୟୀ ତର୍କ କର । ତାହାର ଆଉ ଏକ ଅର୍ଥ ସତ୍ୟତା ମୁତାବକ ଓ ବାସ୍ତବିକ ଘଟଣା ଅନୁଯାୟୀ ଆଲୋଚନା କରିବା ଅଟେ । ସୁତରାଂ ସର୍ବଦା ସତ୍ୟ ଓ ବାସ୍ତବିକତାର ହିଁ ପରିପ୍ରକାଶ କରିବା ଉଚିତ୍ ।

★ ହଜୁର ଅନଓ୍ୱର ଅ.ବ କହିଲେ- ସୁତରାଂ ଅଲ୍ଲାଃତାଲା ହିକମତ୍, ସୁନ୍ଦର ଉପଦେଶ ଓ ସୁଦୃଢ ପ୍ରମାଣର ସହିତ ତବଲିଗ୍ କରିବାର ଯେଉଁ ନିର୍ଦେଶ ଦେଇଛନ୍ତି, ତଦନୁଯାୟୀ ଆମକୁ ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ କରିଚାଲିବା ଉଚିତ୍ ।

★ ଅଲ୍ଲାଃତାଲା କହିଛନ୍ତି- ତୁମେ କାହାରିକୁ ଜୋର୍ଜବରଦସ୍ତ ସତ୍ପଥରେ ପରିଚାଳିତ କରିପାରିବ ନାହିଁ । ହଁ ତବଲିଗ୍ କରିବା, ସଂସାରର ପ୍ରତ୍ୟେକ ଲୋକମାନଙ୍କ ନିକଟରେ ବାର୍ତା ପହଂଚାଇବା ତୁମର କର୍ତବ୍ୟ ।

★ ହଜୁର ଆ.ସ କୁହନ୍ତି **ଜାଦିଲ୍ହୁମ୍ ବିଲ୍ଲତି ହିୟା ଅହସନ୍** ପକ୍ତିଂର ଉଦ୍ଦେଶ୍ୟ ଏହା ନୁହେଁ କି ଆମେ (ସେମାନଙ୍କର)ଏଭଳି ପ୍ରଶଂସା ଓ ନମ୍ର ଆଚରଣ କରିବା କି ବାସ୍ତବିକ ଘଟଣାକୁ ମଧ୍ୟ ଅସ୍ୱୀକାର କରିବାରେ ତାଙ୍କର ସମର୍ଥକ ପାଲଟିଯିବା । କ'ଣ ଆମେ ଏକ ଏଭଳି ବ୍ୟକ୍ତି ଯେ ଈଶ୍ୱର ହେବାର ଘୋଷଣା କରେ ଓ ଆମ୍ଭ ରସୁଲ୍ ହଜରତ ମହମ୍ମଦ ସ.ଆଙ୍କ ଭବିଷ୍ୟବାଣୀକୁ ମିଥ୍ୟା ସାବ୍ୟସ୍ତ କରେ ନଉଜୁବିଲ୍ଲାଃ ଓ ହଜରତ ମୁସା ଆ.ସଙ୍କ ନାମ ଡ଼କାୟତ ରଖେ ତାହାକୁ ସତ୍ୟବାଦୀ କହିପାରିବୁ । କ'ଣ ଏଭଳି ଆଚରଣ ଉତମ ଶତ୍ରୁତା ଅଟେ ? କଦାପି ନୁହେଁ ବରଂ ଏହା ଅଧର୍ମ, ଅମାନ୍ୟକାରୀ ତଥା ବିଶ୍ୱାସଘାତକର ସ୍ୱଭାବ ଅଟେ ।

★ ହଜୁର ଅନଓ୍ୱର ଅ.ବ କହିଲେ- ବିରୁଦ୍ଧାଚରଣ କିମ୍ବା ସଂସାରବାସୀଙ୍କୁ କୌଣସି ପ୍ରକାର ଭୟ କରିବା ଉଚିତ୍ ନୁହେଁ କିନ୍ତୁ ହିକମତ୍ ଜରୁରି ଅଟେ । **ଧର୍ମପ୍ରଚାରକ ନିମନ୍ତେ ଆବଶ୍ୟକ କି ପ୍ରଚାରକର କହିବା ଓ କରିବା ମଧ୍ୟରେ ସମନ୍ୱୟ ରହିବା ଉଚିତ୍** । ଯାହା କହୁଛ ତଦନୁଯାୟୀ ଅମଳ କଲେଯାଇ ହିକମତ୍ର କଥା ତୁଣ୍ଡରୁ ବାହାରିଥାଏ ଏବଂ ତାହା ପୁଣି ଅନ୍ୟକୁ ପ୍ରଭାବିତ ମଧ୍ୟ କରିଥାଏ ।

★ ହଜୁର ଅନଓ୍ୱର ଅ.ବ କହିଲେ- ସୁତରାଂ ତବଲିଗ୍ ନିମନ୍ତେ ସର୍ବପ୍ରଥମେ ନିଜ ଅବସ୍ଥାରେ ପରିବର୍ତନ କରିବା ଆବଶ୍ୟକ । ଯେତେବେଳେ ଜଣେ ସଚ୍ଚୋଟ ମୁସଲମାନ ହୋଇଯାଏ ତେବେ ପ୍ରଶ୍ନ ହିଁ ଉଠୁ ନାହିଁ କି ତାହାପ୍ରତି ଲୋକମାନଙ୍କ ଧ୍ୟାନ କେନ୍ଦ୍ରିତ ହେବ ନାହିଁ ।

---

## ସାରାଂଶ ଖୁତ୍ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ
## (ପ୍ରଦତ୍ତ: ୦୮ ସେପ୍ଟେମ୍ବର ୨୦୧୭ ଅନୁଯାୟୀ ୦୮ ତବୁକ୍ ୧୩୯୬ ହିଜ୍ରି ଶମ୍ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ ۔ بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔ إِيَّاكَ نَعْبُدُ وَإِيَّاكَ نَسْتَعِيْنُ ۔
اِهْدِنَا الصِّرَاطَ الْمُسْتَقِيْمَ ۔ صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ۔

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହୁଜୁର ଅନଓ୍ୱର ଅ:ବ ନିମ୍ନ ପକ୍ତିଂ ପାଠକଲେ-**ଉଦ୍ଉ ଇଲା ସବିଲେ ରବ୍ବିକା ବିଲ୍ ହିକ୍ମତେ ଓ୍ୱଲମୋଇଜାତିଲ୍ ହସନତେ ଓ୍ୱ ଜାଦିଲ୍ହୁମ୍ ବିଲ୍ ଲତିହିୟା ଅହସନ୍ । ଇନ୍ନା ରବ୍ବକା ହୁଓ୍ୱା ଆଲମୁ ବିମନ୍ ଜଲ୍ଲା ଅନ୍ ସବିଲିହି ଓ୍ୱହୁଓ୍ୱା ଆଲମୁ ବିଲ୍ ମୁହତଦିନ୍** । ଅର୍ଥାତ ହେ ରସୁଲ୍ (ଲୋକମାନଙ୍କୁ) ସତ୍ଜ୍ଞାନ ଓ ସତ୍ ଉପଦେଶ ମାଧ୍ୟମରେ ନିଜ ପାଳନକର୍ତାଙ୍କ ପଥ ଆଡ଼କୁ ଡ଼ାକ ଏବଂ ସେମାନଙ୍କ ସହିତ ଏପରି ରୀତିରେ (ଧର୍ମ)ତର୍କ କର ଯାହା ସର୍ବୋତ୍ତମ ଅଟେ । ବାସ୍ତବରେ ତୁମ୍ଭର ପାଳନକର୍ତା ସେମାନଙ୍କୁ ଭଲଭାବରେ ଜାଣନ୍ତି ଯେଉଁମାନେ ତାହାଙ୍କ ପଥରୁ ବିଚ୍ୟୁତ ହୋଇଛନ୍ତି ତଥା ଯେଉଁମାନେ ସତ୍ପଥଗାମୀ ହୋଇଛନ୍ତି ସେମାନଙ୍କୁ

ମଧ୍ୟ ଭଲଭାବରେ ଜାଣନ୍ତି ।

ପୃଥିବୀର ଅନେକ ଦେଶର ଜମାଅତ ନିଜ ମଜଲିସ୍ ଶୁରାରେ ଏହି ପ୍ରସ୍ତାବ ଦେଲେ କି କିଭଳି ଆମେ ଇସଲାମର ପ୍ରକୃତ ବାର୍ତା ନିଜ ଦେଶର ପ୍ରତ୍ୟେକ ଶ୍ରେଣୀର ଲୋକମାନଙ୍କ ନିକଟରେ ପହଂଚାଇପାରିବା କିମ୍ବା ଏହି (କାର୍ଯ୍ୟ)କୁ ଆହୁରି ଭଲଭାବରେ ସମ୍ପାଦନ କରିବା ଏବଂ ଏହି ବିଷୟରେ ସେମାନଙ୍କ ମଧ୍ୟରେ ବେଶ୍ ସୁନ୍ଦର ଚର୍ଚ୍ଚା ମଧ୍ୟ ହେଲା । ହଜୁର ଅନଓ୍ୱର ଅ.ବ କହିଲେ- ସର୍ବଦା ମନେରଖିବା ଉଚିତ୍ ଯେ, ଧର୍ମପ୍ରଚାର ନିମନ୍ତେ ଅବା ଅନ୍ୟ କୌଣସି ପ୍ରକାର କାର୍ଯ୍ୟ କରିବା ପୂର୍ବରୁ ସେଥିପାଇଁ ଯୋଜନା ପ୍ରସ୍ତୁତ କଲାବେଳେ ମଜଲିସ୍ ଶୁରାର (ସଭ୍ୟଙ୍କ) ସମ୍ମୁଖରେ ଅନେକ ରାଏ ରଖାଯାଇଥାଏ ତନ୍‌ମଧ୍ୟରୁ ଗୋଟିଏ ଚୟନ କରି ତାହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ସେମାନେ ଏକ **ଲାହେ ଅମଲ୍** ପ୍ରସ୍ତୁତ କରିଥାନ୍ତି ଏବଂ ତାହାକୁ ସ୍ୱୀକୃତି ପାଇଁ ଖଲିଫାଙ୍କ ନିକଟକୁ ପ୍ରେରଣ କରିଦେଇଥାନ୍ତି । ଯେତେବେଳେ ତାହା ସ୍ୱୀକୃତି ପ୍ରାପ୍ତ କରିନିଏ ସେତେବେଳେ ତଦନୁଯାୟୀ ନିଜର ସମସ୍ତ ଶକ୍ତି ଓ ସାମର୍ଥ୍ୟ ବିନିଯୋଗ କରି ଅମଲ କରିବା ଓ କରାଇବା ମଜଲିସ୍ ଶୁରାର ପ୍ରତ୍ୟେକ ସଦସ୍ୟଙ୍କର କର୍ତବ୍ୟ ଏବଂ ଜମାଅତର ପ୍ରତ୍ୟେକ ବିଭାଗର କର୍ମକର୍ତାମାନଙ୍କର କର୍ତବ୍ୟ । ଏପରି ଚିନ୍ତା କରନ୍ତୁ ନାହିଁ କି ଯେହେତୁ ଏହି ପ୍ରସ୍ତାବ ପ୍ରଚାର ବିଭାଗ ସହ ସମ୍ବନ୍ଧିତ ତେଣୁ ଉକ୍ତ ବିଭାଗର ସେକ୍ରେଟାରୀଙ୍କର କର୍ତବ୍ୟ କି କେବଳ ସେ ହିଁ କାମ କରିବେ କିମ୍ବା ଅନ୍ୟ କୌଣସି ବିଭାଗ ସମ୍ବନ୍ଧିତ ପ୍ରସ୍ତାବ ଥିଲେ କେବଳ ଉକ୍ତ ବିଭାଗର ସେକ୍ରେଟାରୀଙ୍କର ଦାୟିତ୍ୱ କି ସେ କରିବେ । ନିଃସନ୍ଦେହ ଯୋଜନା ଅନୁଯାୟୀ କାର୍ଯ୍ୟ କରିବା ଉକ୍ତ ସେକ୍ରେଟାରୀଙ୍କ କର୍ତବ୍ୟ କିନ୍ତୁ ବିଶେଷ କରି ପ୍ରଚାର ଓ ତରବିୟତ୍‌ର ବିଭାଗ ଏପରି ଅଟେ କି ଯେଉଁଥିରେ ଜମାଅତର ପ୍ରତ୍ୟେକ ବିଭାଗର କର୍ମକର୍ତା ସାମିଲ୍ ହେବା ଏବଂ ନିଜର ନମୁନା ଦେଖାଇବା ଉଚିତ୍ । ବର୍ତମାନ ମୁଁ ଧର୍ମପ୍ରଚାର ସମ୍ବନ୍ଧରେ କିଛି କହିବାକୁ ଚାହେଁ । ଏଥିସମ୍ବନ୍ଧରେ ମୁଁ କର୍ମକର୍ତାମାନଙ୍କ ଧ୍ୟାନ ଆକର୍ଷିତ କରିବାକୁ ଚାହେଁ ଯେ, ସେମାନେ ନିଜ ସେକ୍ରେଟାରୀ ତବଲିଗ୍ ସହ ଧାର୍ଯ୍ୟ ଯୋଜନା ମୁତାବକ ନିଜ ନିଜ ଜମାଅତରେ କାର୍ଯ୍ୟ କରିବା ନିମନ୍ତେ ପୂର୍ଣ୍ଣ ସାହାଯ୍ୟ ସହଯୋଗ କରିବା ସହିତ ସ୍ୱୟଂ ଏହାର ଅଂଶ ହୋଇ ଜମାଅତର ଲୋକମାନଙ୍କ ନିମନ୍ତେ ନମୁନା ସୃଷ୍ଟି କରନ୍ତୁ । ସେ ଯେ କୌଣସି ବିଭାଗର କର୍ମକର୍ତା ହୁଅନ୍ତୁ ନା କାହିଁକି ଧର୍ମ ପ୍ରଚାରରେ ପ୍ରତ୍ୟେକ ଭାଗ ନେଇପାରିବେ । ଯଦି ସେମାନେ ଏଥିରେ ଭାଗନେବେ ତେବେ ଜମାଅତର ସଦସ୍ୟମାନଙ୍କ ପାଇଁ ସେମାନେ ନମୁନା ପାଲଟିବେ ଏବଂ ଏପରି ଅନେକ ଅହେମଦିଙ୍କୁ କିଛି ନକହି, ଧ୍ୟାନ ନଦେଇ ମଧ୍ୟ ସେମାନେ ଆପେ ଆପେ ନମୁନାକୁ ଦେଖି ଧାର୍ଯ୍ୟ ଯୋଜନା ମୁତାବକ ଇସଲାମର ପ୍ରକୃତ ବାର୍ତା (ଅନ୍ୟମାନଙ୍କ) ନିକଟରେ ପହଁଚାଇବାର ପ୍ରୟାସରେ ସାମିଲ ହୋଇଯାଇଥାନ୍ତି । କେତେକ ସେକ୍ରେଟାରୀଙ୍କ ନିକଟରେ ନିଜ ବିଭାଗର ବିଶେଷ କାମ ନଥାଏ ତେଣୁ ସେମାନେ ଏହି କାର୍ଯ୍ୟରେ ଅଧିକରୁ ଅଧିକ ସମୟ ଦେଇପାରିବେ କେବଳ ନିୟତ୍ ଓ ଆଗ୍ରହର ଆବଶ୍ୟକତା ରହିଛି । ସେ ଯାହା ହେଉ National Secretary ତବଲିଗ୍‌ଙ୍କର କର୍ତବ୍ୟ କି ଯେଉଁ **ଲାହେ ଅମଲ୍** ପ୍ରସ୍ତୁତ ହୋଇଛି ତାହାକୁ ସେ ଆଂଚଳିକ ଜମାଅତର Secretary ତବଲିଗ୍‌ଙ୍କ ସହ ସାକ୍ଷାତ କରି ସେମାନଙ୍କ ସହିତ ସୁନିଶ୍ଚିତ କରନ୍ତୁ କି ଜମାଅତର ପ୍ରତ୍ୟେକ ସଦସ୍ୟ ଉକ୍ତ **ଲାହେ ଅମଲ୍**ର ସେହି ଅଂଶ ଯାହାକି ବ୍ୟକ୍ତି ବିଶେଷ ସହ ସଂପୃକ୍ତ ସେମାନଙ୍କ ନିକଟରେ ପହଂଚିଯାଇଅଛି । ଉପରେ ମୁଁ ଯେଉଁ ପକ୍ତିଂ ପାଠ କରିଆସିଲି ସେଥିରେ ଅଲ୍ଲାଃତାଲା ଆମର ମାର୍ଗ ଦର୍ଶାନ କରିଛନ୍ତି ତାହା ବୁଝିବା ଓ ତଦନୁଯାୟୀ ପ୍ରତ୍ୟେକ ସେକ୍ରେଟାରୀ ଓ କର୍ମକର୍ତା ଅମଲ କରିବା ଉଚିତ୍ । ଅଲ୍ଲାଃ ଯେଉଁ କାର୍ଯ୍ୟ ପ୍ରତି ଆମର ଧ୍ୟାନ ଆକର୍ଷିତ କରିଛନ୍ତି ସେଥିରେ ରହସ୍ୟ ଓ ସୁନ୍ଦର ଉପଦେଶାବଳୀ ଅନ୍ତର୍ନିହିତ ରହିଛି । ପୁନଃ କହିଲେ କି (ଧର୍ମ)ତର୍କ ସମୟରେ ଏଭଳି ପ୍ରମାଣ ଦିଅ ଯାହା ଉପଯୁକ୍ତ ଓ ଉତମ ଅଟେ । ଆଜିକାଲି ନାମକୁ ମାତ୍ର ମୌଲବି ବୋଲାଉଥିବା ଲୋକ ଓ ଆତଙ୍କବାଦୀମାନେ ନିଜର ପାଗଳାମି ଓ ମୁର୍ଖ ପରି ପ୍ରମାଣହୀନ କଥାରେ ଇସଲାମକୁ ଏଭଳି ବଦନାମ କରୁଛନ୍ତି ଯେ, ଅଣମୁସଲମାନ ଲୋକେ ମଣୁଛନ୍ତି କି ଇସଲାମ ପ୍ରମାଣ ଶୂନ୍ୟ ଓ ନିରର୍ଥକ ଧର୍ମ ଅଟେ (**ନଉଜୁବିଲ୍ଲାଃ**) ଏବଂ କେବଳ କଠୋରତାବାଦ ହିଁ ଏହାର ଶିକ୍ଷା ଅଟେ । ଏଭଳି ପରିସ୍ଥିତିରେ ଏହା ପ୍ରତ୍ୟେକ ଅହେମଦିଙ୍କ କର୍ତବ୍ୟ କି ସେମାନେ ଅଲ୍ଲାଃଙ୍କ ଆଦେଶ ମୁତାବକ ପ୍ରଚାର ଓ ଲୋକମାନଙ୍କ ସହ ସମ୍ପର୍କ ସ୍ଥାପନ କରନ୍ତୁ ।

ସୁତରାଂ ଏଭଳି ପରିସ୍ଥିତିରେ ଆମ୍ଭକୁ ଅନୁମାନ କରିନେବା ଉଚିତ୍ ଯେ, କିଭଳି ପରିଶ୍ରମର ସହିତ ଅଲ୍ଲାଃଙ୍କ ନିର୍ଦ୍ଦେଶ ମୁତାବକ ପ୍ରଚାର (କାର୍ଯ୍ୟ) କରିବାକୁ ହେବ । ଅଲ୍ଲାଃତାଲା ସର୍ବ ପ୍ରଥମେ କହିଛନ୍ତି ସର୍ବୋତମ ରୀତି(ହିକମତ୍)ର ସହିତ ଧର୍ମପ୍ରଚାର (ତବଲିଗ୍) କର । ତେବେ ହିକମତ୍‌ର ସହିତ କିଭଳି ପ୍ରଚାର କରିବା ? ଏହାର ଅର୍ଥ ପ୍ରସସ୍ତ ଅଟେ । ସଫଳ ପ୍ରଚାର ନିମନ୍ତେ ଆବଶ୍ୟକ କି ଉକ୍ତ ସମସ୍ତ ଅର୍ଥ ସହ ଆମେ ଅବଗତ ହେବା ଉଚିତ୍ ଯଦ୍ୱାରା ଆମେ ତାହାକୁ ପ୍ରଚାର ସମୟରେ ନିଜ ସମ୍ମୁଖରେ ରଖିପାରିବା । ହିକମତ୍‌ର ଗୋଟିଏ ଅର୍ଥ ଜ୍ଞାନ ଅଟେ ଅର୍ଥାତ ପ୍ରଚାର ନିମନ୍ତେ ମଣିଷର (ଧର୍ମ ସମ୍ବନ୍ଧିତ)ଜ୍ଞାନ ରହିବା ଆବଶ୍ୟକ । କେତେକ ଲୋକ କହିଥାନ୍ତି କି ଆମେ ତ ଅଜ୍ଞାନ ତେଣୁ ଆମେ ପ୍ରଚାର କାର୍ଯ୍ୟ କରିପାରିବୁ ନାହିଁ । ବର୍ତମାନ ଯୁଗରେ ଏହି ବାହାନା କରିବା ନିରର୍ଥକ । ହଜରତ ମସିହ ମଉଦ ଆ.ସ ଆମ୍ଭକୁ ଏଭଳି ପ୍ରମାଣର ଅସ୍ତ୍ର ପ୍ରଦାନ କରିଦେଇଛନ୍ତି ଯାହାକି ଆମ୍ଭ ପତ୍ରିକା ମାଧ୍ୟମରେ (ଅତି ସହଜରେ) ଲୋକମାନଙ୍କ ହସ୍ତଗତ ହୋଇଯାଇଛି । ଜଣେ ନିମିତ ମାତ୍ର ଚେଷ୍ଟା କଲେ ଅନେକ କିଛି ଶିଖିପାରିବ । ସୁତରାଂ ପ୍ରଥମେ ନିଜ ଜ୍ଞାନ ଅଭିବୃଦ୍ଧି ନିମନ୍ତେ ଚେଷ୍ଟା କରିବା ଉଚିତ୍ । ଦ୍ୱିତୀୟରେ ଆମକୁ ଏହା ଜଣାଥିବା ଆବଶ୍ୟକ କି ବର୍ତମାନ ବିରୋଧୀମାନେ ଯେଉଁ ଆପତି କରୁଛନ୍ତି ତାହାର ଉତର ଆମ ପତ୍ରିକା ଓ websiteରୁ କିପରି ଆମର ହସ୍ତଗତ ହୋଇପାରିବ । ବିଭିନ୍ନ ଧର୍ମାବଲମ୍ବୀ ତଥା ନାସ୍ତିକମାନଙ୍କ ଚିନ୍ତାଧାରା ମୁତାବକ ଆମ୍ଭକୁ ନିଜର ପ୍ରମାଣ ଉପସ୍ଥାପନ କରିବା ଉଚିତ୍ ।

ପୁଣି **ହିକମତ୍‌ର ଗୋଟିଏ ଅର୍ଥ ସତ୍ୟ ଓ ସୁଦୃଢ ତଥ୍ୟ ଉପସ୍ଥାପନ କରିବା ଅଟେ ଯାହାକି ସତ୍ୟସିଦ୍ଧି ନିମନ୍ତେ ଯଥେଷ୍ଟ ହେଉଥିବ** ଏବଂ ତାହାକୁ ପ୍ରମାଣ କରିବା ନିମନ୍ତେ ଆମ୍ଭକୁ ଆଉ ଅଧିକ ପ୍ରମାଣର ଆବଶ୍ୟକତା ଲୋଡ଼ା ପଡୁନଥିବ । ଅତଏବ ଲମ୍ବା ଯୁକ୍ତିତର୍କ କରିବା ପରିବର୍ତେ ଆପତିର (ମୂଳ କଥା) ଅନୁଧ୍ୟାନ କରି ଏଭଳି ସୁଦୃଢ ତଥ୍ୟର ସହିତ ଆପତିର ଖଣ୍ଡନ କରିବାକୁ ଚେଷ୍ଟା କରିବା ଉଚିତ୍ । ଏହା ମଧ୍ୟ ତବଲିଗ୍ ବିଭାଗର କାର୍ଯ୍ୟ କି ନିଜ ଅବସ୍ଥା ମୁତାବକ ଏଭଳି ଆପତି ଓ ତାହାର ଖଣ୍ଡନ କରୁଥିବା ପ୍ରମାଣଗୁଡ଼ିକୁ ଏକତ୍ର ସଂଗ୍ରହ କରି ଜମାଅତର ସଦସ୍ୟମାନଙ୍କୁ ପ୍ରଦାନ କରିବା ଯଦ୍ୱାରା ସେମାନେ ଉପକୃତ ହୋଇପାରିବେ ଏବଂ ସେମାନଙ୍କ ଜ୍ଞାନରେ ଅଭିବୃଦ୍ଧି ଘଟିବା ସହିତ ସେମାନେ ଉକ୍ତ ଆପତିର ସୁଦୃଢ ପ୍ରମାଣ ସହ ଅବଗତ ହୋଇପାରିବେ ।

ପୁଣି **ହିକମତ୍‌ର ଆଉ ଗୋଟିଏ ଅର୍ଥ ନ୍ୟାୟ ଅଟେ** । ଏଭଳି ଆପତି କରିବା ଉଚିତ୍ ନୁହେଁ ଯାହା ଓଲଟି ଆମ ଉପରେ ପଡୁଥିବ । ଅଲ୍ଲାଃତାଲାଙ୍କ କୃପାରୁ ସାଧାରଣତଃ ଆମ୍ଭେ ଏଭଳି ପରିସ୍ଥିତିର ସମ୍ମୁଖୀନ ହୋଇନଥାଉ କିନ୍ତୁ ଅଣଅହେମଦି ଓ ଅଣମୁସଲମାନମାନେ ଏଭଳି ପରିସ୍ଥିତିର ସମ୍ମୁଖୀନ ହୋଇଥାନ୍ତି । ଅଣଅହେମଦିମାନେ ହଜରତ ମସିହ ଉମଦ ଆ.ସଙ୍କ ଉପରେ ଏଭଳି ଆପତି କରି ଦେଇଥାନ୍ତି ଯାହାକି ଅନ୍ୟ ଅବତାରମାନଙ୍କ ଉପରେ ମଧ୍ୟ (ଉକ୍ତ ଆପତି) ପଡ଼ିଥାଏ । ଅତଏବ ପ୍ରଚାର ବିଭାଗକୁ ଏଭଳି ଆପତିର ଉତର ସଂଗ୍ରହ କରି ଜମାଅତର ସଦସ୍ୟମାନଙ୍କୁ ଯୋଗାଇଦେବା ଉଚିତ୍ । ଯଦି ଅଧିକରୁ ଅଧିକ ଲୋକଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରିବାର ଅଛି ତେବେ ଉକ୍ତ ବିଭାଗକୁ ପରିଶ୍ରମ ଓ (ଅର୍ଥ) ବ୍ୟୟ କରିବାକୁ ହେବ । ସେହିପରି ହିକମତ୍‌ର ଅର୍ଥ ନମ୍ର ଓ କୋମଳ ଆଚରଣ କରିବା ଅଟେ । ସୁତରାଂ ପ୍ରଚାରରେ ନମ୍ର ଓ ବୁଦ୍ଧିମାନୀର ସହିତ କାମ କରିବା ଅତ୍ୟନ୍ତ ଜରୁରି । ବିରକ୍ତ ଓ ଉଗ୍ର ସ୍ୱଭାବର ସହ ତର୍କ କଲେ ଅନ୍ୟମାନଙ୍କ ଉପରେ ନକରାତ୍ମକ ପ୍ରଭାବ ପଡ଼ିଥାଏ ଏବଂ ସେମାନେ ମଣିଥାନ୍ତି କି ଏମାନେ ପ୍ରମାଣଶୂନ୍ୟ ତେଣୁ ଉତ୍ୟକ୍ତ ହୋଇ ଉତର ଦେଉଛନ୍ତି । ଯେ ଉଗ୍ର ଆଚରଣ କରେ ତାହା ସହ ମଧ୍ୟ ନମ୍ରତା ପ୍ରଦର୍ଶନ କର ।

ପୁଣି **ହିକମତ୍‌ର ଗୋଟିଏ ଅର୍ଥ ନବୁଓ୍ୱତ୍ (ବାର୍ତାବହ) ଅଟେ** । ସୁତରାଂ ଏହି ଦିଗରୁ ତର୍କ ଓ ପ୍ରମାଣ ଦେବା ଅର୍ଥ ଆମ୍ଭକୁ ପବିତ୍ର କୋରାନ ଯାହାକି ହଜରତ ମହମ୍ମଦ ସ.ଆଙ୍କ ଉପରେ ଅବତୀର୍ଣ୍ଣ ହୋଇଥିଲା ତାହାର ପ୍ରମାଣ ଓ ଶିକ୍ଷା ମୁତାବକ ପ୍ରଚାର କରିବା ଉଚିତ୍ । ମୁଁ ଦେଖିଲି ଯେତେବେଳେ ପବିତ୍ର କୋରାନର ପକ୍ତିଂର ଆଧାରରେ ଧର୍ମତର୍କ କରାଯାଏ ସେତେବେଳେ ଲୋକମାନଙ୍କ ଉପରେ ତାହାର ବେଶ୍ ଭଲ ପ୍ରଭାବ ପଡ଼ିଥାଏ ।

**ହିକମତ୍‌ର ଆଉ ଏକ ଅର୍ଥ ଜ୍ଞାନର ଅନ୍ଧକାରକୁ ଦୂର କରିବା ଅଟେ** । ଅତଏବ ଲୋକଙ୍କ ସହ ଏଭଳି ସୁତ୍ରରେ ଆଲୋଚନା କରିବା ଉଚିତ୍ ଯେପରି ସେମାନେ ସହଜରେ ବୁଝିପାରୁଥିବେ ଏବଂ ସେମାନଙ୍କ ଅଜ୍ଞାନତା ଦୂର ହେଉଥିବ । ହଜରତ ମହମ୍ମଦ ସ.ଆ କହିଛନ୍ତି ଲୋକମାନଙ୍କ ଜ୍ଞାନ ଓ ବୁଝିବାର ସାମର୍ଥ୍ୟ ଅନୁଯାୟୀ ତର୍କ କର । ତାହାର ଆଉ ଏକ ଅର୍ଥ ସତ୍ୟତା ମୁତାବକ ଓ ବାସ୍ତବିକ ଘଟଣା ଅନୁଯାୟୀ ଆଲୋଚନା କରିବା ଅଟେ । ସୁତରାଂ ସର୍ବଦା ସତ୍ୟ ଓ ବାସ୍ତବିକତାର ହିଁ ପରିପ୍ରକାଶ କରିବା ଉଚିତ୍ । ଏପରି ନହୁଏ କି ଅନ୍ୟକୁ ଖୁସି ଓ ପ୍ରଭାବିତ କରିବା ପାଇଁ ଅସତ୍ୟ ଓ ବାସ୍ତବ ଘଟଣାର ଉପାଖ୍ୟାନ କରି ଚର୍ଚ୍ଚା କରିବା ଆରମ୍ଭ କରିଦେବା । ଏଭଳି କଥା ଅନ୍ୟ ଉପରେ ନକରାତ୍ମକ ପ୍ରଭାବ ପକାଇଥାଏ କାରଣ ଯେ କୌଣସି ସମୟରେ ତାହା ଉପରେ ସତ୍ୟତାର ଉନ୍ମୋଚନ ହୋଇଯାଇଥାଏ । ତେଣୁ ସର୍ବଦା ସତ୍ୟ ଓ ବାସ୍ତବିକ କଥା କହିବା ଉଚିତ୍ ।

**ପୁଣି ସ୍ଥାନ ଓ କାଳ ଅନୁଯାୟୀ ଆଲୋଚନା କରିବାକୁ ମଧ୍ୟ ହିକମତ୍ କୁହାଯାଏ** ଅର୍ଥାତ ଯଦି ମନେକର କି ଅମକ ପ୍ରମାଣ ଦ୍ୱାରା ବିରୋଧୀ (ପକ୍ଷ) ଉତ୍ୟକ୍ତ ହେବା କିମ୍ବା ବିରକ୍ତ ହୋଇ ଝଗଡ଼ା ଓ ମତାନ୍ତର ସୃଷ୍ଟି ହେବାର ଆଶାଙ୍କା ରହିଛି ତେବେ ଏଭଳି ପ୍ରମାଣ ଉପସ୍ଥାପନ କରିବାରୁ ନିବୃତ ରହିବା ଉଚିତ୍ । ବରଂ ଏଭଳି ପ୍ରମାଣ ଉପସ୍ଥାପନ କରିବା ଉଚିତ୍ ଯାହାକି ସ୍ଥାନ ଓ କାଳ ମୁତାବକ ଏବଂ ଅନ୍ୟ ପାଇଁ ସ୍ୱୀକାର ଯୋଗ୍ୟ ହୋଇଥିବ ଏବଂ ପାରସ୍ପରିକ ମତାନ୍ତର ଓ ଦୂରତାକୁ ବଢାଇବା ପରିବର୍ତେ ନିକଟତର କରୁଥିବ ।

ସ୍ଥାନ କାଳ ତଥା ଅନ୍ୟର ମନକୁ ପଢି ଧର୍ମଚର୍ଚ୍ଚା କରିବା ଅତ୍ୟନ୍ତ ଜରୁରି ଅଟେ । ଏହା ଯେଉଁସ୍ଥଳେ ଧର୍ମ ପ୍ରଚାରରେ ନିୟମାନୁବର୍ତୀତା ମନୋଭାବ ଆବଶ୍ୟକ କରିଥାଏ ସେହିସ୍ଥଳେ ଏଥିନିମନ୍ତେ ବ୍ୟକ୍ତିଗତ ସମ୍ପର୍କକୁ ମଧ୍ୟ ମଜବୁତ୍ କରିବା ଆବଶ୍ୟକ । ବ୍ୟକ୍ତିଗତ ସମ୍ପର୍କ ଦ୍ୱାରା ହିଁ ଅନ୍ୟର ମନ ଓ ରୁଚି ସମ୍ବନ୍ଧରେ ଜଣାପଡ଼ିଥାଏ । ସୁତରାଂ ଆମ୍ଭକୁ ନିଜ ଧର୍ମ ପ୍ରଚାରର ପ୍ରୟାସରେ ଏକ ନିୟମାନୁବର୍ତୀତା ଅବଲମ୍ବନ କରିବା ଆବଶ୍ୟକ । ଏପରି ନୁହେଁ କି ବର୍ଷକରେ ଥରେ ଦୁଇଥର ଦଶଦିନର ଏକ ଧର୍ମପ୍ରଚାର କାର୍ଯ୍ୟକ୍ରମର ଆୟୋଜନ କରିଦେବା କିମ୍ବା ରାସ୍ତାରେ ଛିଡ଼ା ହୋଇ ପତ୍ରିକା ବାଣ୍ଟି ଦେଇ ମନେକରିବା କି ଆମେ ତବଲିଗ୍‌ର କର୍ତବ୍ୟ ସମ୍ପାଦନ କରିଦେଲୁ । ସଂସାରର ଅବସ୍ଥା ଯେପରି ବର୍ତମାନ ଆମକୁ ମୁକ୍ତ ଭାବରେ

ଲୋକମାନଙ୍କୁ ଅବଗତ କରାଇବାକୁ ହେବ ଯେ, ଏପରି ପରିସ୍ଥିତି ତୁମମାନଙ୍କ ସଂସାର ପ୍ରେମ ଓ ସେଥିରେ ସମ୍ପୂର୍ଣ୍ଣ ରୂପେ ବୁଡ଼ିଯିବା ହେତୁ ଉପୁଜିଛି ଏବଂ ତୁମେ ଅଲ୍ଲାଃଙ୍କୁ ଅସୋନ୍ତୋଷ କରି ବସିଛ । ଏଥିରୁ ମୁକୁଳିବା ପାଇଁ ଗୋଟିଏ ମାତ୍ର ମାର୍ଗ କି ଅଲ୍ଲାଃଙ୍କ ଶରଣ ଭିକ୍ଷା କର ତଥା ସତ୍‌ଧର୍ମକୁ ଖୋଜିବାକୁ ଚେଷ୍ଟା କର । ସୁନ୍ଦର ଉପଦେଶ ମାଧ୍ୟମରେ ତବଲିଗ୍ କରିବାର ଯେଉଁ ନିର୍ଦ୍ଦେଶ ରହିଛି ତାହା ହିକମତ୍‌ର ସହିତ ତବଲିଗ୍ କରିବା ଅର୍ଥରେ ଆସିଗଲା ଅର୍ଥାତ ନମ୍ର ଓ ହୃଦୟକୁ ଛୁଇଁଲା ପରି ତଥା ପ୍ରଭାବିତ କଲାଭଳି ତବଲିଗ୍ କର ।

ହଜୁର ଅନଓ୍ୱର ଅ.ବ କହିଲେ- ସୁତରାଂ ଅଲ୍ଲାଃତାଲା ହିକମତ୍, ସୁନ୍ଦର ଉପଦେଶ ଓ ସୁଦୃଢ ପ୍ରମାଣର ସହିତ ତବଲିଗ୍ କରିବାର ଯେଉଁ ନିର୍ଦ୍ଦେଶ ଦେଇଛନ୍ତି, ତଦନୁଯାୟୀ ଆମକୁ ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ କରିଚାଲିବା ଉଚିତ୍ ଏବଂ ଅଲ୍ଲାଃ କୁହନ୍ତି ତାହାର ପରିଣାମ ମୁଁ ପ୍ରଦାନ କରିବି । ତୁମ୍ଭର ପାଳନକର୍ତ୍ତା ସେମାନଙ୍କୁ ଭଲଭାବରେ ଜାଣନ୍ତି ଯେଉଁମାନେ ତାହାଙ୍କ ପଥରୁ ବିଚ୍ୟୁତ ହୋଇଛନ୍ତି ତଥା ଯେଉଁମାନେ ସତ୍‌ପଥଗାମୀ ହୋଇଛନ୍ତି । ଆଉ ଗୋଟିଏ ସ୍ଥାନରେ ଅଲ୍ଲାଃତାଲା କହିଛନ୍ତି- ତୁମେ କାହାରିକୁ ଜୋର୍‌ଜବରଦସ୍ତ ସତ୍‌ପଥରେ ପରିଚାଳିତ କରିପାରିବ ନାହିଁ । ହଁ ତବଲିଗ୍ କରିବା, ସଂସାରର ପ୍ରତ୍ୟେକ ଲୋକମାନଙ୍କ ନିକଟରେ ବାର୍ତ୍ତା ପହଂଚାଇବା ତୁମର କର୍ତ୍ତବ୍ୟ । ଅତଏବ ଇସଲାମର ସୁନ୍ଦର ଶିକ୍ଷା ସହ ଅନ୍ୟମାନଙ୍କୁ ଅବଗତ କରାଇଚାଲ କିନ୍ତୁ ପରିଣାମ ତୁମ ହାତପାହାନ୍ତାରେ ନାହିଁ । ଯଦି ଆମକୁ ପଚରାଯାଏ ତେବେ ତାହା କେବଳ ଏତିକି ଯେ, ତୁମେ (ଇସଲାମ)ର ସନ୍ଦେଶ ପହଂଚାଇଥିଲ ନା, ନାହିଁ । ଯଦି ନୁହେଁ ତେବେ କାହିଁକି ତବଲିଗ୍‌ର କର୍ତ୍ତବ୍ୟ ସମ୍ପାଦନ କଲ ନାହିଁ ଏବଂ ଅଲ୍ଲାଃତାଲାଙ୍କ ଆଦେଶ ମୁତାବକ କାହିଁ ଅମଲ କଲ ନାହିଁ । ହଜୁର ଅନଓ୍ୱର ଅ.ବ କହିଲେ- ଉପରେ ମୁଁ ଯେଉଁ ପକ୍ତିଂ ପାଠ କରିଆସିଲି ତାହାର ହଜରତ ମସିହ ମଉଦ ଆ.ସ ମଧ୍ୟ ବ୍ୟାକ୍ଷା କରି କେତେକ ସ୍ଥାନରେ ଦର୍ଶାଇଛନ୍ତି କି ଅଲ୍ଲାଃତାଲା ଜାଣନ୍ତି ଆମେ (ବିରୋଧିମାନଙ୍କୁ) ଉତର ଦେବା ସମୟରେ କଦାପି ନମ୍ର ଓ ସଦାଚାରକୁ ହାତଛଡ଼ା କରି ନାହୁଁ । କେବଳ ସେହି ପରିସ୍ଥିତିରେ ଯେତେବେଳେ ବିରୋଧିମାନଙ୍କର ଅତ୍ୟନ୍ତ ମନ୍ଦ, କଠୋର ଓ ବିଭ୍ରାଟ ସୃଷ୍ଟିକାରୀ ଲେଖା ପାଇବା ପରେ ଆମେ ଦୃଢ ଉକ୍ତିରେ ପ୍ରତିଉତର ଦେଇଛୁ ଯଦ୍ୱାରା ସେମାନଙ୍କର ହିଂସ୍ର ସ୍ୱଭାବ ଆଗକୁ ତାଙ୍କୁ ଏପରି କର୍ମ କରିବାକୁ ବାରଣ କରିବ ଏବଂ ଏହି କଠୋରତା କୌଣସି ଶାରୀରିକ ଉତେଜନା କିମ୍ୱା ଉତ୍ୟକ୍ତ ଯୋଗୁ ନୁହେଁ ବରଂ କେବଳ **ଜାଦିଲ୍‌ହୁମ୍ ବିଲ୍‌ଲତି ହିୟା ଅହସନ୍**ର ନିର୍ଦ୍ଦେଶ ମୁତାବକ ଅମଳ କରି ଏକ ହିକମତ୍‌ର ସହିତ କରାଯାଇଥିଲା ଏବଂ ତାହା ମଧ୍ୟ କେବଳ ସେହି ସମୟରେ ବିରୋଧିମାନଙ୍କ ଖରାପ ଭାଷା ପ୍ରୟୋଗ, ଅସମ୍ମାନ ଓ ଆମକୁ ତୁଚ୍ଛ ମଣିବାରେ ଅତ୍ୟଧିକ ତଳକୁ ଖସିଯିବା, ପୁଣି ଆମ୍ଭର ପ୍ରିୟ ଓ ସମଗ୍ର ସୃଷ୍ଟିର ସରଦାର୍ ଶ୍ରେଷ୍ଠ ନବୀ ହଜରତ ମହମ୍ମଦ ସ.ଆଙ୍କ ସମ୍ୱନ୍ଧରେ ଅତ୍ୟନ୍ତ ମନ୍ଦ ଓ ଖରାପ ଭାଷା ବ୍ୟବହାର କରିବା ଯୋଗୁ ଆମେ ଏହି ମାର୍ଗ ଆପଣାଇଥିଲୁ । ଆଉ ଏକ ସ୍ଥାନରେ ହଜୁର ଆ.ସ କୁହନ୍ତି **ଜାଦିଲ୍‌ହୁମ୍ ବିଲ୍‌ଲତି ହିୟା ଅହସନ୍** ପକ୍ତିଂର ଉଦ୍ଦେଶ୍ୟ ଏହା ନୁହେଁ କି ଆମେ (ସେମାନଙ୍କର)ଏଭଳି ପ୍ରଶଂସା ଓ ନମ୍ର ଆଚରଣ କରିବା କି ବାସ୍ତବିକ ଘଟଣାକୁ ମଧ୍ୟ ଅସ୍ୱୀକାର କରିବାରେ ତାଙ୍କର ସମର୍ଥକ ପାଲଟିଯିବା । କ'ଣ ଆମେ ଏକ ଏଭଳି ବ୍ୟକ୍ତି ଯେ ଈଶ୍ୱର ହେବାର ଘୋଷଣା କରେ ଓ ଆମ୍ଭ ରସୁଲ୍ ହଜରତ ମହମ୍ମଦ ସ.ଆଙ୍କ ଭବିଷ୍ୟବାଣୀକୁ ମିଥ୍ୟା ସାବ୍ୟସ୍ତ କରେ ନଉଜୁବିଲ୍ଲାଃ ଓ ହଜରତ ମୁସା ଆ.ସଙ୍କ ନାମ ଡ଼କାୟତ ରଖେ ତାହାକୁ ସତ୍ୟବାଦୀ କହିପାରିବୁ । କ'ଣ ଏଭଳି ଆଚରଣ ଉତମ ଶତ୍ରୁତା ଅଟେ ? କଦାପି ନୁହେଁ ବରଂ ଏହା ଅଧର୍ମି, ଅମାନ୍ୟକାରୀ ତଥା ବିଶ୍ୱାସଘାତକର ସ୍ୱଭାବ ଅଟେ ।

ହଜୁର ଅନଓ୍ୱର ଅ.ବ କହିଲେ- ସୁତରାଂ ଆମ୍ଭକୁ ଏ ସମସ୍ତ ପାର୍ଥକ୍ୟ ସର୍ବଦା ନିଜ ସମ୍ମୁଖରେ ରଖିବା ଉଚିତ୍ । ନମ୍ର ଆଚରଣର ଅର୍ଥ ଏହା ନୁହେଁ କି ଯେପରି ମୁଁ ଉପରେ କହିଆସିଲି ସେମାନଙ୍କ ପ୍ରଶଂସାରେ ନିଜକୁ ଏଭଳି ହଜାଇଦେବା ଯେପରି ନିଜର ଅସ୍ତିତ୍ୱ ହିଁ ନାହିଁ ଏବଂ ସେମାନଙ୍କୁ ଭୟ କରି ତାଙ୍କର ହଁ ରେ ହଁ ମିଳାଇଚାଲିବା ଏବଂ ଯାହା ଘଟିନାହିଁ ତାହାର ମଧ୍ୟ ସମର୍ଥନ କରିବସିବା । ହିକମତ୍‌ର ସହିତ କାର୍ଯ୍ୟ କରିବା ଅନିର୍ବାର୍ଯ୍ୟ । ଭାଷାରେ ନମ୍ରତା ଓ ଉତମ ଆଚରଣ ମଧ୍ୟ ଆବଶ୍ୟକ କିନ୍ତୁ ଭୁଲକୁ ଭୁଲ କହିବା ମଧ୍ୟ ଆବଶ୍ୟକ । ସୁତରାଂ ଏକଥା ସର୍ବଦା ମନେରଖିବେ କି ହିକମତ୍‌ର ଅର୍ଥ ଭୀରୁତା ନୁହେଁ କିମ୍ୱା (ଅନ୍ୟକୁ ନିଜ)ନିକଟବର୍ତ୍ତୀ କରିବା ପାଇଁ ଅସତ୍ କଥାର ସମର୍ଥନ କରିବା ନୁହେଁ ।

ହଜୁର ଅନଓ୍ୱର ଅ.ବ କେତେକ ସାକ୍ଷାତକାର ସମୟରେ କିଛି ରାଜନେତାଙ୍କ ଉଦାହରଣ ଦେଇ କହିଲେ- ଏମାନେ ଯେ କି ସଂସାର ପ୍ରେମି ଅଟନ୍ତି, ଯାହାଙ୍କ ଧର୍ମ ମଧ୍ୟ ମୂଳ ଅବସ୍ଥାରେ ନାହିଁ ତଥାପି ଯଦି ସେମାନେ ନିଜ ସାଂସାରିକ ମାମଲାକୁ ଧର୍ମ ପାଇଁ ବଳି ଦେଉଛନ୍ତି ଏବଂ ନିଜର ଗୁଣଗାନ ଓ ପ୍ରଶଂସା ଚାହୁଁନାହାନ୍ତି ନା ନିଜର କାପୁରୁଷତା ପ୍ରଦର୍ଶନ କରୁଛନ୍ତି ତେବେ ଆମେ ଯେ କି ଅନ୍ତିମ ଓ ଶ୍ରେଷ୍ଠ ଧର୍ମ ପୁସ୍ତକର ଅନୁଗାମୀ ଆମ୍ଭକୁ କିଭଳି ସୁଦୃଢ ବିଶ୍ୱାସ ରଖିବା ଉଚିତ୍ ଏବଂ ସାଂସାରିକ ସମ୍ପର୍କ ଓ ଧର୍ମ ପ୍ରଚାର କ୍ଷେତ୍ରରେ ହିକମତ୍ ଓ ସୁଦୃଢ ପ୍ରମାଣର ସହିତ (ଭୁଲ୍) ଆପତିର କିଭଳି ମୁକ୍ତ ଶ୍ୱରରେ ରଦ୍ଦ କରିବା ଉଚିତ୍ । ନା କି ସଂସାର ଓ ନିଜ ସ୍ୱାର୍ଥ ହାସଲ ପାଇଁ ସେମାନଙ୍କୁ ଭୟ କରିବା, ନା ସେମାନଙ୍କ ହଁ ରେ ହଁ ମିଳାଇବା ଉଚିତ୍ । ଏପରି କଲେ ସେମାନଙ୍କ ସହ ସମ୍ପର୍କ ତୁଟିଯିବ ବୋଲି ମଣିବା ସମ୍ପୂର୍ଣ୍ଣ ଭ୍ରମ ଧାରଣା ଅଟେ । ଯଦି ହିକମତ୍‌ର ସହିର ଆଲୋଚନା କରାଯାଏ ତେବେ କଦାପି ସମ୍ପର୍କ ତୁଟିନଥାଏ । କର୍ମକର୍ତ୍ତାମାନଙ୍କୁ ବିଶେଷ ଭାବରେ ଏଥିପ୍ରତି ଧ୍ୟାନ ଦେବା ଆବଶ୍ୟକ । ମୁଁ ଦେଖିଥାଏ କି କେତେକ ସମୟରେ କର୍ମକର୍ତ୍ତାମାନେ ଭୀରୁତା ପ୍ରଦର୍ଶନ କରିଥାନ୍ତି । ବିରୁଦ୍ଧାଚରଣର ଖାତିର କରିବା ଉଚିତ୍ ନୁହେଁ କାରଣ ତାହା ହିଁ ତବଲିଗ୍‌ର ରାସ୍ତା ଖୋଲିଥାଏ । ହଜରତ ମସିହ ମଉଦ ଆ.ସ ଗୋଟିଏ ସ୍ଥାନରେ କହିଛନ୍ତି- **ଯେଭଳି (ତିବ୍ରତାର ସହିତ)ଅସତ୍ ସତ୍ୟର ବିରୁଦ୍ଧାଚରଣ କରିଥାଏ ସେହିପରି ସତ୍ୟର ଶକ୍ତି ଓ ସାମର୍ଥ୍ୟ ତେଜ (ଶକ୍ତିଶାଳୀ)ହୋଇଥାଏ** । ଆପଣ କୁହନ୍ତି କୃଷକଙ୍କ ମଧ୍ୟରେ ଏକଥା ପ୍ରସିଦ୍ଧ ଯେ, ଯେଭଳି (ସୂର୍ଯ୍ୟଙ୍କ) ତାପ ପ୍ରଖର ହୋଇଥାଏ ବର୍ଷାକାଳରେ ସେହିପରି ଅଧିକ ବର୍ଷା ହୋଇଥାଏ । ଆପଣ କୁହନ୍ତି ଏହା ଏକ ପ୍ରାକୃତିକ ନିଦର୍ଶନ କି ସତ୍ୟର ଯେଭଳି ତିବ୍ର ବିରୁଦ୍ଧାଚରଣ ହୋଇଥାଏ ସେହିପରି ତାହା ଉଜ୍ୱଳିତ ହୋଇ ନିଜର ପ୍ରକାଶ ଦେଖାଇଥାଏ । ଆପଣ କୁହନ୍ତି ଆମେ ନିଜେ ପରୀକ୍ଷା କରି ଦେଖିଛୁ ଯେଉଁଠାରେ ଆମ ବିରୁଦ୍ଧରେ ସ୍ୱର ଉତୋଳନ ହୋଇଛି ସେଠାରେ ଗୋଟିଏ ଜମାଅତ ଗଢି ଉଠିଛି ଏବଂ ଯେଉଁଠାରେ ଏକଥା ଶୁଣି ଲୋକେ ନିରବ ହୋଇଯାଇଛନ୍ତି ସେଠାରେ ବିଶେଷ ଉନ୍ନତି ହୋଇନାହିଁ ।

ହଜୁର ଅନଓ୍ୱର ଅ.ବ କହିଲେ- ବିରୁଦ୍ଧାଚରଣ କିମ୍ୱା ସଂସାରବାସୀଙ୍କୁ କୌଣସି ପ୍ରକାର ଭୟ କରିବା ଉଚିତ୍ ନୁହେଁ କିନ୍ତୁ ହିକମତ୍ ଜରୁରି ଅଟେ । **ଧର୍ମପ୍ରଚାରକ ନିମନ୍ତେ ଆବଶ୍ୟକ କି ପ୍ରଚାରକର କହିବା ଓ କରିବା ମଧ୍ୟରେ ସମନ୍ୱୟ ରହିବା ଉଚିତ୍** । ଯାହା କହୁଛ ତଦନୁଯାୟୀ ଅମଳ କଲେଯାଇ ହିକମତ୍‌ର କଥା ତୁଣ୍ଡରୁ ବାହାରିଥାଏ ଏବଂ ତାହା ପୁଣି ଅନ୍ୟକୁ ପ୍ରଭାବିତ ମଧ୍ୟ କରିଥାଏ । ହଜରତ ମସିହ ମଉଦ ଆ.ସ ଏଥିପ୍ରତି ଆମର ଧ୍ୟାନ ଆକର୍ଷିତ କରି କୁହନ୍ତି-

ଅନେକ ମୌଲବି ଓ ନିଜକୁ ଜ୍ଞାନୀ କହି ଷ୍ଟେଜ୍‌ରେ ଚଢି ନିଜକୁ ରସୁଲଙ୍କ ନାଏବ ଓ ଅବତାରମାନଙ୍କ ଉତରାଧିକାରୀ କହୁଥିବା ଲୋକେ ଉପଦେଶ ଦେଇଥାନ୍ତି କି ଗର୍ବ କର ନାହିଁ, ଅପକର୍ମରୁ ନିବୃତ ରୁହ କିନ୍ତୁ ସ୍ୱୟଂ ସେମାନଙ୍କର ଅମଳର ଅନୁମାନ ଏଇଥିରୁ ହୋଇଥାଏ ଯେ, ଉକ୍ତ ଉପଦେଶର ପ୍ରଭାବ ଜନସାଧାରଣଙ୍କ ହୃଦୟରେ କିପରି ପଡୁଅଛି । ହଜୁର ଆ.ସ କୁହନ୍ତି ଯଦି ସେହି ମୌଲବିମାନେ ଅମଳ କରିବାର ସାମର୍ଥ୍ୟ ରଖୁଥାନ୍ତେ ଓ କହିବା ପୂର୍ବରୁ ନିଜେ ଅମଳ କରୁଥାନ୍ତେ ତେବେ ପବିତ୍ର କୋରାନରେ **ଲିମା ତକୁଲୁନା ମାଲା ତଫ୍‌ଅଲୁନ୍** କହିବାର କ'ଣ ଆବଶ୍ୟକତା ଥିଲା । ଏହି ଆୟତ ହିଁ ଦର୍ଶାଉଛି ଯେ, ସଂସାରରେ ଏପରି ଲୋକ ମଧ୍ୟ ଥିଲେ ଯେ (ଭଲ)କଥା କହୁଥିଲେ କିନ୍ତୁ ତଦନୁଯାୟୀ ଅମଳ କରୁନଥିଲେ ଏବଂ ଏପରି ଲୋକ ଅଛନ୍ତି ଓ ରହିଥିବେ । ଆପଣ କୁହନ୍ତି ତୁମେ ମୋର କଥା ଶୁଣିରଖ ଓ ଭଲକରି ମନେରଖିନିଅ କି ଯଦି ମଣିଷର କଥାବାର୍ତ୍ତା ସ୍ୱଚ୍ଛ ହୃଦୟରୁ ହୋଇନଥାଏ ଏବଂ ତଦନୁଯାୟୀ ଅମଳ କରାଯାଇନଥାଏ ତେବେ ତାହା ପ୍ରଭାବଶାଳୀ ହୋଇନଥାଏ । ଏହି ଦୃଷ୍ଟିକୋଣରୁ ତ ଆମ ନବୀ ହଜରତ ମହମ୍ମଦ ସ.ଆଙ୍କ ଶ୍ରେଷ୍ଠତା ପ୍ରମାଣିତ ହେଉଛି କାରଣ ଯେଉଁ ସଫଳତା ଓ ହୃଦୟକୁ ପ୍ରଭାବିତ କରିବାର ଶକ୍ତି ତାଙ୍କ ମଧ୍ୟରେ ଥିଲା ତାହାର କୌଣସି ଉଦାହରଣ ମାନବ ଜାତିର ଇତିହାସରେ ଦେଖିବାକୁ ମିଳୁ ନାହିଁ ଏବଂ ଏସବୁ ଏଥିପାଇଁ ସମ୍ଭବ ହେଲା କି ଆପଣଙ୍କ କହିବା ଓ କରିବା ମଧ୍ୟରେ ପୂର୍ଣ୍ଣ ସମନ୍ୱୟ ଥିଲା ।

ହଜୁର ଆ.ସ କୁହନ୍ତି ମୋମିନ୍ ଦୁଇଟି ରଙ୍ଗ ଧାରଣ କରି ନଥାଏ । ସର୍ବଦା ନିଜ କହିବା ଓ କରିବାକୁ ସଠିକ୍ ରଖ ଏବଂ ସେଥିରେ ସମନ୍ୱୟ ରଖ ଯେପରି ସାହାବାମାନେ ଦେଖାଇଲେ । ତୁମେ ମଧ୍ୟ ସେମାନଙ୍କ ଅନୁସରଣ କରି ସତ୍ୟ ଓ ବିଶ୍ୱସ୍ତତାର ନମୁନା ଦେଖାଅ । ଆଉ ଏକ ସ୍ଥାନରେ ଆପଣ ଉପଦେଶପୂର୍ବକ କୁହନ୍ତି ଇସଲାମର ସୁରକ୍ଷା ଓ ତାହାର ସତ୍ୟାସତ୍ୟ ପ୍ରକାଶ କରିବା ନିମନ୍ତେ ଆମ୍ଭକୁ ସର୍ବ ପ୍ରଥମେ ସଚ୍ଚୋଟ ମୁସଲମାନ ହେବାର ନମୁନା ଦେଖାଇବାକୁ ହେବ । ଦ୍ୱିତୀୟରେ ଇସଲାମର ସୁନ୍ଦର ରୂପ ଓ ତାହାର ଶ୍ରେଷ୍ଠତା ସଂସାରରେ ପରିବ୍ୟାପ୍ତ କର ।

ହଜୁର ଅନଓ୍ୱର ଅ.ବ କହିଲେ- ସୁତରାଂ ତବଲିଗ୍ ନିମନ୍ତେ ସର୍ବପ୍ରଥମେ ନିଜ ଅବସ୍ଥାରେ ପରିବର୍ତ୍ତନ କରିବା ଆବଶ୍ୟକ । ଯେତେବେଳେ ଜଣେ ସଚ୍ଚୋଟ ମୁସଲମାନ ହୋଇଯାଏ ତେବେ ପ୍ରଶ୍ନ ହିଁ ଉଠୁ ନାହିଁ କି ତାହାପ୍ରତି ଲୋକମାନଙ୍କ ଧ୍ୟାନ କେନ୍ଦ୍ରିତ ହେବ ନାହିଁ । ଲୋକେ ନମୁନା ଦେଖି ହିଁ ଧ୍ୟାନ ଦେଇଥାନ୍ତି ଏବଂ ଏଭଳି ନିରବଚ୍ଛିନ୍ନ ଭାବରେ ତବଲିଗ୍ କରିବା ଦ୍ୱାରା ହିଁ ତବଲିଗ୍‌ର ମାର୍ଗ ଉନ୍ମୁକ୍ତ ହେବା ଆରମ୍ଭ ହୋଇଥାଏ । ଅଲ୍ଲାଃତାଲା ଆମ୍ଭକୁ ଏଥି ମୁତାବକ ଅମଳ କରିବାର ଶକ୍ତି ପ୍ରଦାନ କରନ୍ତୁ ।

⌘⌘⌘⌘⌘⌘⌘⌘⌘⌘

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷରସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

⌘⌘⌘⌘⌘⌘⌘⌘⌘⌘

## ନଶରୋ ଇଶାଅତ୍ର D.T.P ସେଂଟର୍ ପାଇଁ ପ୍ରାର୍ଥନୀ ଆବଶ୍ୟକ

ନଜାରତ୍ ନଶରୋ ଇଶାଅତ୍ ସଦର ଅଞ୍ଜୁମାନ୍ ଅହେମଦୀୟାର D.T.P ସେଂଟର୍‌ରେ ଜଣେ କମ୍ପ୍ୟୁଟର୍ ଅପରେଟର୍‌ର ଆବଶ୍ୟକ ଅଛି । ଲଜନା ମାନଙ୍କ ମଧ୍ୟରୁ ଅଭିଳାଷୀ ପ୍ରାର୍ଥିନୀ ନିଜର ଦରଖାସ୍ତ ନିଜର ସମସ୍ତ ଶିକ୍ଷାଗତ ସାର୍ଟିଫିକେଟ୍‌ର ନକଲ ଆଟେଷ୍ଟେଡ୍ ସହିତ ଆବେଦନ ଫର୍ମ ନଜାରତ୍ ଦିୱାନଙ୍କ ଠାରୁ ହାସଲ କରି ତାକୁ ସମ୍ପୂର୍ଣ୍ଣ କରିବା ପରେ ଅମୀର୍ ଜମାତ୍ / ସଦର୍ ଜମାତ୍ / ସଦର୍ ଲଜନା ଙ୍କ ଦ୍ୱାରା ତସ୍‌ଦିକ୍ (ପୁଷ୍ଟି) କରି ଦୁଇମାସ ଭିତରେ ପଠାନ୍ତୁ ।

୧.ପ୍ରାର୍ଥିନୀଙ୍କ ଶିକ୍ଷାଗତ ଯୋଗ୍ୟତା ଅତି କମ୍‌ରେ +୨ (ସେକେଣ୍ଡ୍ ଡିଭିଜନ୍) ହୋଇଥିବ। ହିନ୍ଦି, ଉର୍ଦ୍ଦୁ, ଆରବୀ, ଇଂରାଜୀ ଲେଖିବା ପଢ଼ିବା ଜାଣିଥିବେ ।

୨.ହିନ୍ଦି ଟାଇପିଂ ରେ ଦକ୍ଷତା ଥିବ। ଅତି କମ୍‌ରେ ଗୋଟିଏ ବର୍ଷର ଅଭିଜ୍ଞତା ଥିବ ୩.ହିନ୍ଦି ଟାଇପିଂ Key-Board ନଦେଖି କମ୍ପୋଜ୍ କରିପାରୁଥିବେ । ଘଂଟାକୁ ଅତି କମ୍‌ରେ ତିନିଶହ ଶବ୍ଦ ଟାଇପ୍ କରିପାରୁଥିବେ ୪.ହିନ୍ଦି ଟାଇପିଂ In-Design Software ର Chanakya Unicode font ରେ କରିବା ଜାଣିଥିବେ ୫.କମ୍ପ୍ୟୁଟର୍ ସାଇନ୍‌ସରେ ଡିପ୍ଲୋମା କରିଥିବେ ୬. In-Design, MS-word, In-Page ବିଷୟରେ Basic Knowledge ଥିବ ୭. ୱାକିଫେ ଜିନ୍ଦେଗି ଏବଂ ୱକଫେ ନୌ ତହ୍‌ରିକ୍‌ରେ ସାମିଲ୍ ହୋଇଥିବା ମେମ୍ବର୍ ନିଜର ହୱାଲା ମଞ୍ଜୁରୀ ୱକଫ ଏ ନୌ ଦରଖାସ୍ତରେ ଦରଜ କରନ୍ତୁ ୮. ଦରଖାସ୍ତରେ ନିଜର ବାପା / ସ୍ୱାମୀ / ଅଭିଭାବକ ଙ୍କ ତସ୍‌ଦିକ୍ ଦସ୍ତଖତ ମଧ୍ୟ କରାଇବେ ୯. ପ୍ରାର୍ଥିନୀଙ୍କୁ ଇଂଟରଭିଉର ତାରିଖ ପରେ ଜଣାଇ ଦିଆଯିବ । ତତ୍ ସହିତ ଇଂଟରଭିଉ ପାଇଁ କାଦିଆନ୍ ଆସିବାର ଯିବା ଆସିବା ଖର୍ଚ୍ଚ ନିଜେ ବହନ କରିବେ ୧୦.କାଦିଆନ୍‌ରେ ରହିବାର ବ୍ୟବସ୍ଥା ନିଜେ ବହନ କରିବେ । **(ନଜର୍ ଦିୱାନ ସଦର ଅଞ୍ଜୁମନ୍ ଅହେମଦୀୟା କାଦିଆନ୍)**

⌘⌘⌘⌘⌘⌘⌘⌘⌘⌘⌘

### ୧୨୩ ତମ ଜଲ୍‌ସା ସାଲାନା କାଦିଆନ୍

ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୧୨୩ ତମ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ୨୦୧୭ ମସିହା ଡିସେମ୍ବର୍ ତା- ୨୯,୩୦,୩୧ ରିଖ (ଶୁକ୍ରବାର, ଶନିବାର, ରବିବାର) ଦିନ ଗୁଡିକୁ ମଞ୍ଜୁରୀ ଦେଇଛନ୍ତି । ଜମାତ୍‌ର ଲୋକମାନେ ବର୍ତ୍ତମାନଠାରୁ ଦୁଆ ସହିତ ଏହି ମୋବାରକ୍ ଜଲ୍‌ସାରେ ସାମିଲ୍ ହେବା ପାଇଁ ନିୟତ କରି ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହି ଲିଲାଃହି ଜଲ୍‌ସାରୁ ଲାଭବାନ୍ ହେବାପାଇଁ ଶକ୍ତି ପ୍ରଦାନ କରନ୍ତୁ । ଏହି ଜଲ୍‌ସା ସାଲାନା ପ୍ରତ୍ୟେକ କ୍ଷେତ୍ରରୁ ସଫଳ ଏବଂ ବାବର୍‌କତ୍ ହେବାପାଇଁ ତତ୍ ସହିତ ସୌଭାଗ୍ୟଶାଳୀ ଆତ୍ମାଗୁଡିକୁ ହିଦାୟତ୍ ମିଳିବା ପାଇଁ ଦୁଆ ଜାରି ରଖନ୍ତୁ । **(ନାଜର୍ ଇସ୍‌ଲାହ ୱ ଇର୍‌ଶାଦ୍ ମର୍କଜିଆ କାଦିଆନ୍)**

## ପରମାଣୁ ବୋମା ଉତାପର କୁପ୍ରଭାବରୁ ସୁରକ୍ଷା ରହିବା ପାଇଁ ହୋମିଓପାଥିକ୍ ଔଷଧ

ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଦୟା ପରବଶ ହୋଇ ପରମାଣୁ ଉତାପର କୁପ୍ରଭାବରୁ ସୁରକ୍ଷା ପାଇବା ପାଇଁ ପୂର୍ବରକ୍ଷା ସ୍ୱରୂପ ନିମ୍ନରେ ଦିଆଯାଇଥିବା ଔଷଧକୁ ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ୍ ଦେଇଛନ୍ତି । ତତ୍ ସହିତ ଏହା ମଧ୍ୟ କହିଲେ ଯେ ଦୁଆ କର ଯେ ଅଲ୍ଲାଃତାଲା ପ୍ରତ୍ୟେକ ବିଶେଷ ଓ ସାଧାରଣଙ୍କୁ ନିଜର ସୁରକ୍ଷାରେ ରଖନ୍ତୁ । ଆମିନ୍ !

### ହୁ ୱଶ୍ ଶାଫି

**ବୟସ୍କ ଲୋକମାନଙ୍କ ନିମନ୍ତେ:-**

(1)Carcinosin CM (2)Radium Brom CM

**୧୦ ରୁ ୧୫ ବର୍ଷ ପିଲାମାନଙ୍କ ନିମନ୍ତେ:-**

(1)Carcinosin 100 (2)Radium Brom 1000

**୧୦ ରୁ କମ୍ ବୟସର ପିଲାମାନଙ୍କ ନିମନ୍ତେ:-**

(1)Carcinosin 200 (2)Radium Brom 200

ପ୍ରଥମ ସପ୍ତାହରେ ୧ ନଂ ଔଷଧରୁ ଏକ ପାନ ଖାଇବେ ଏବଂ ଦ୍ୱିତୀୟ ସପ୍ତାହରେ ୨ନଂ ଔଷଧରୁ ଏକ ପାନ ଖାଇବେ । ତୃତୀୟ ସପ୍ତାହରେ ୧ନଂ ଔଷଧରୁ ଏକ ପାନ ଖାଇବେ ଓ ଚତୁର୍ଥ ସପ୍ତାହରେ ୨ନଂ ଔଷଧରୁ ଏକ ପାନ ଖାଇବେ । ଏହି ଅନୁକ୍ରମରେ ଛୋଟ ପିଲାମାନେ ଓ ବୟସ୍କମାନେ ଦୁଇଟି ଯାକ ଔଷଧରୁ ୩ ରୁ ୪ ପାନ ଲେଖାଏଁ ଖାଇବେ ।

(ହଫିଜ୍ ଅହେମଦ୍ ଭଟି, ଲଣ୍ଡନ୍, ହୋମିଓପାଥିକ୍ ଡ଼ିପାର୍ଟମେଂଟ୍ ୟୁ.କେ)

(ଅଖବାର୍ ଅଲଫଜଲ୍ ଇଂଟରନ୍ୟାସିନାଲ୍ ୧୨ ମଇ ୨୦୧୭ ଙ୍କୁ ଧନ୍ୟବାଦ ।)

## ପୁରସ୍କାର ମୂଳକ ପ୍ରବନ୍ଧ ପ୍ରତିଯୋଗିତା

**ନଜାରତ୍ ତାଲିମ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିଆନ୍**

**୨୦୧୭ ବର୍ଷ ନିମନ୍ତେ**

ହିନ୍ଦୁସ୍ତାନ୍‌ର ଅହେମଦୀ ଲୋକମାନେ ପୁରୁଷ ଓ ସ୍ତ୍ରୀ, ଛାତ୍ର ଛାତ୍ରୀ ଙ୍କ ମଧ୍ୟରେ ପ୍ରବନ୍ଧ ଲେଖିବାର କ୍ଷମତାକୁ ବିକାଶ କରିବା ପାଇଁ ଏବଂ ସେମାନଙ୍କ ଭିତରେ ଲୁଚି ରହିଥିବା ଗୁଣକୁ ଉଜାଗର କରିବା ପାଇଁ ପ୍ରତ୍ୟେକ ବର୍ଷ ନଜାରତ୍ ତାଲିମ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିଆନ୍ ଆନୁକୁଲ୍ୟରେ ପୁରସ୍କାର ମୂଳକ ପ୍ରବନ୍ଧ ପ୍ରତିଯୋଗିତା କରାଯାଉଛି । ଏବର୍ଷ ପୁରସ୍କାର ମୂଳକ ପ୍ରବନ୍ଧ ନିମନ୍ତେ ନିମ୍ନରେ ଦିଆଯାଇଥିବା ବିଷୟକୁ ଧାର୍ଯ୍ୟ କରାଯାଇଛି ।

**ବିଷୟବସ୍ତୁ :- କୁରାନ୍ କରିମ୍ ହସ୍ତିବାରି ତାଲା କା ଏକ ଅଜିମୁସ୍‌ଶାନ୍ ସବୁତ୍**

The Holy Qur'an is the greatest proof of existance of God.

*ପ୍ରବନ୍ଧ ଲେଖିବାର ସର୍ତାବଳୀ :-*

➔ ପ୍ରବନ୍ଧଟି ଅତି କମ୍‌ରେ ୫୦୦୦ ଶବ୍ଦ ବିଶିଷ୍ଟ ହୋଇଥିବ ।

(ଏହି ଶବ୍ଦଗୁଡିକ ପ୍ରବନ୍ଧ ଲେଖକଙ୍କର ନିଜର ହୋଇଥିବ । ହୱାଲା (ପ୍ରସଙ୍ଗ)ଗୁଡିକ ଯାହା Quote କରାଯିବ ତାହା ଏତତ୍‌ବ୍ୟତୀତ ହେବ)

➔ ପ୍ରବନ୍ଧଟି ଉର୍ଦ୍ଦୁ, ଇଂରାଜୀ ଓ ହିନ୍ଦି ଭାଷା ମଧ୍ୟରୁ କୌଣସି ଗୋଟିଏ ଭାଷାରେ ଲେଖାଯାଇପାରିବ ।

➔ ପ୍ରବନ୍ଧ ସୁନ୍ଦର ଅକ୍ଷରରେ ଏବଂ ପୃଷ୍ଠାର ୨/୩ ଭାଗରେ ଲେଖାହୋଇଥିବ । କାଗଜର ପଛପଟେ ଲେଖାହୋଇନଥିବ ।

➔ ପ୍ରବନ୍ଧରେ ଲାଲ୍ କାଳିର ବ୍ୟବହାର ହୋଇନଥିବ ।

➔ ଏହି ପ୍ରବନ୍ଧରେ ଭାଗନେବା ପାଇଁ ବୟସର କୌଣସି ସୀମା ନାହିଁ ।

➔ ପ୍ରବନ୍ଧର ହୱାଲା ଗୁଡିକ ପ୍ରମାଣିତ ଓ ସମ୍ପୂର୍ଣ୍ଣ ହୋଇଥିବ । ଖବରକାଗଜର କଟିଙ୍ଗ୍ ଯୋଡ଼ାହୋଇଥିଲେ ଅଧିକ ଉତମ ହେବ ।

➔ ପ୍ରବନ୍ଧ ଲେଖକଙ୍କୁ ନଜାରତ୍ ତାଲିମ୍‌ରେ ନିଜର ପ୍ରବନ୍ଧ ଜମା କରିବା ପରେ ତାକୁ ପୁନର୍ବାର ମାଗିନେବାର ଅଧିକାର ରହିବ ନାହିଁ ।

➔ ପ୍ରବନ୍ଧ ଲେଖକ ପାଇଁ ଏହା ଜରୁରୀ ଅଟେ ଯେ ପ୍ରଥମ ପୃଷ୍ଠା ଉପରେ ପ୍ରବନ୍ଧ ଲେଖକ ନିଜର ନାମ, ସମ୍ପୂର୍ଣ୍ଣ ଠିକଣା, ଫୋନ୍ ନଂ ଓ ଇ-ମେଲ୍ ଆଇ.ଡି. ଦରଜା କରିବେ ।

➔ ପ୍ରବନ୍ଧ ଲେଖକଙ୍କର ସବୁ ପ୍ରକାର ଅଧିକାର ନଜାରତ୍ ତାଲିମ୍‌ଙ୍କ ହକ୍‌ରେ ସୁରକ୍ଷିତ ରହିବ । କୌଣସି ପ୍ରବନ୍ଧ ଲେଖକଙ୍କୁ ନିଜ ତରଫରୁ ପ୍ରବନ୍ଧକୁ ପ୍ରକାଶ କରିବା ପାଇଁ ଅନୁମତି ଦିଆଯିବନାହିଁ ।

➔ ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିବା ବ୍ୟକ୍ତିଙ୍କୁ କ୍ରମାନୁସାରେ ୫୦୦୦/-, ୪୦୦୦/- ଓ ୩୦୦୦/- ଟଙ୍କା ନଗଦ ପୁରସ୍କାର ଦିଆଯିବ ।

➔ ପ୍ରବନ୍ଧଟି ୩୦-ନଭେମ୍ବର୍-୨୦୧୭ ଭିତରେ ଡାକ ଜରିଆରେ ବା ହାତଦ୍ୱାରା ନଜାରତ୍ ତାଲିମ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିଆନ୍ ନିକଟରେ ପହଂଚିବା ଆବଶ୍ୟକ ।

**ନାଜର୍ ତାଲିମ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିଆନ୍ ।**

⌘⌘⌘⌘⌘⌘⌘⌘⌘⌘⌘

## ବାପା ମା'ଙ୍କ ନିମନ୍ତେ କର୍ତବ୍ୟ

ୱ କଜା ରବ୍‌ବୁକା ଅଲ୍‌ଲା ତାଆବୁଦୁ ଇଲ୍ଲା ଇୟାହୁ ୱବିଲ୍ ୱାଲିଦୈନେ ଇହ୍‌ସାନା । ଇମ୍ମା ୟବ୍‌ଲୁଗନ୍ନା ଇନ୍‌ଦକଲ୍ କିବର ଅହ୍‌ଦୁହୁମା ଅଓ କିଲାହୁମା ଫଲା ତକୁଲ୍‌ଲ୍ଲହୁମା ଉଫିଇଁ ୱଲା ତନ୍‌ହର୍‌ହୁମା ୱକୁଲ୍‌ଲ୍ଲହୁମା କଓ୍ୱଲନ୍ କରିମା । ୱଖ୍‌ଫିଜ୍ ଲହୁମା ଯନାହଜ୍ ଜୁଲ୍ଲେ ମିନର୍‌ରହ୍‌ମତେ ୱକୁର୍ ରବ୍‌ବିର୍ ହମ୍‌ହୁମା କମା ରବ୍‌ବୟାନି ସଗିରା ।

**(ପବିତ୍ର କୋରାନ୍:- ସୁରା ବନି ଇସ୍‌ରାଇଲ୍: ଆୟାତ:୨୪-୨୫)**

ଅର୍ଥାତ୍- ତୁମ୍ଭ ପାଳନକର୍ତା (ଏ ବିଷୟରେ) ଚେତାବନୀ ପୂର୍ବକ ଆଦେଶ ଦେଇଛନ୍ତି ଯେ ତୁମେମାନେ ତାହାଙ୍କ ବ୍ୟତୀତ କାହାରି ଉପାସନା କରନାହିଁ, ଏବଂ ପିତାମାତାଙ୍କ ସହିତ ଉତମ ବ୍ୟବହାର କର; ଯଦି ତୁମ ଜୀବିତ ଅବସ୍ଥାରେ ସେ ଦୁଇ ଜଣଙ୍କ ମଧ୍ୟରୁ ଜଣଙ୍କର ବା ଉଭୟଙ୍କର ବାର୍ଦ୍ଧକ୍ୟ ଆସିଯାଏ, ତେବେ ସେମାନଙ୍କ ପ୍ରତି (ସେମାନଙ୍କ କୌଣସି କଥାରେ ଅସନ୍ତୋଷ ପ୍ରକାଶ କରି) କୌଣସି କଟୁ ମନ୍ତବ୍ୟ ପ୍ରକାଶ କର ନାହିଁ କି ସେମାନଙ୍କୁ ଭର୍ତ୍ସନା କରନାହିଁ ଓ ସେମାନଙ୍କ ସହ (ସର୍ବଦା) କୋମଳ ବଚନରେ କଥାବାର୍ତା କର । ଏବଂ ଦୟାପରବଶ ହୋଇ ସେମାନଙ୍କ ସମ୍ମୁଖରେ ବିନୀତ ମନୋଭାବ ପୋଷଣ କର, ଏବଂ (ସେମାନଙ୍କ ପାଇଁ ପ୍ରାର୍ଥନା-ପୂର୍ବକ) କୁହ, ''ହେ ମୋର ପାଳନ କର୍ତା, ! ସେମାନଙ୍କ ପ୍ରତି କରୁଣା ପ୍ରଦାନ କର,କାରଣ ସେମାନେ ମୋର ଶୈଶବ ଅବସ୍ଥାରେ ଲାଳନ ପାଳନ କରିଥିଲେ'' ।

⌘⌘⌘⌘⌘⌘⌘⌘⌘⌘

ପୃଷ୍ଠା-୨ ର ଅବଶିଷ୍ଟାଂଶ.......

ପଠାଇସାରି ଲେଖିଲେ ଯେ ମୋ ଯୁବକ ପୁତ୍ର ତାଉନ୍ (Plague) ରେ ମରିଗଲା । ମୁଁ ତାର ଅନ୍ତିମ ସଂସ୍କାର ପାଇଁ ୨୦୦ ଟଙ୍କାର ବ୍ୟବସ୍ଥା କରିଥିଲି । ଯାହା ମୁଁ ଆପଣଙ୍କ ସେବାରେ ପ୍ରେରଣ କରୁଅଛି । ଓ ପୁଅକୁ ତା ପୋଷାକ ସହିତ ତାକୁ ଦଫନ (କବର) ଦେଉଛି । (ରିସାଲା ଜହୁର୍ ଅହେମଦ୍ ପୃଷ୍ଠା-୭୦-୭୧, ପ୍ରକାଶିତ ୩୦ ଜାନୁଆରୀ ୧୯୫୫)

ଏହା କଣ ସମ୍ଭବ ହୋଇପାରେ ଯେ କୌଣସି ବ୍ୟକ୍ତିଙ୍କ ଜୀବନରେ ଏ ଅବସ୍ଥା ଆସିଯାଏ ଓ ତାଙ୍କୁ କୁହାଯାଏ ଯେ ଏବେ ତୁମକୁ ଅଧିକ ମାଲି କୁର୍ବାନୀ (ଆର୍ଥିକ ତ୍ୟାଗ) କରିବା ଆବଶ୍ୟକ ନାହିଁ । ଏପରି ତ ଲାଗୁଛି ଯେ ଏହା ସମ୍ଭବ ନୁହେଁ କାରଣ ଯମାତ୍ର ଆବଶ୍ୟକତା ଓ ଯୋଜନା ଆଗକୁ ଆଗ ବଢ଼ି ଚାଲିଛି । କିନ୍ତୁ ବାସ୍ତବିକତା କହେ ଯେ ଯମାତ ଇତିହାସରେ ଏପରି ଜଣେ ବ୍ୟକ୍ତି ଥିଲେ ଯାହାଙ୍କ ଅସାଧାରଣ, ସ୍ୱଚ୍ଛ ଓ ନିଃସ୍ୱାର୍ଥ ସେବାକୁ ଦେଖି ବାସ୍ତବରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ତାଙ୍କୁ କହିଲେ ଯେ ଏବେ ତାଙ୍କୁ ଆଉ ଅଧିକା ଆର୍ଥିକ ତ୍ୟାଗର ଆବଶ୍ୟକ ନାହିଁ । ଏହି ମହାନ ପୁରୁଷ ଥିଲେ ହଜ୍‌ରତ୍ ଡାକ୍ତର ଖଲିଫା ରଶିଦୁଦ୍ଦିନ୍ ସାହେବ୍ ର:ଅ ଯାହାଙ୍କ ବାବଦରେ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କହିଲେ : ତାଙ୍କର ମାଲି କୁର୍ବାନୀ ଏତେ ଅଧିକା ଥିଲା ଯେ ହଜ୍‌ରତ୍ ସାହେବ୍ ଅର୍ଥାତ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ତାଙ୍କୁ ଲିଖିତ ରୂପେ ପ୍ରମାଣପତ୍ର ଦ୍ୱାରା ଜଣାଇଲେ ଯେ ଆପଣଙ୍କୁ କୁର୍ବାନୀ କରିବା ଆବଶ୍ୟକ ନାହିଁ । ହଜ୍‌ରତ୍ ସାହେବଙ୍କ ସେହି ସମୟର କଥା ମୋର ମନେଅଛି । ଯେତେବେଳେ ଆପଣ ଆ:ସ ଙ୍କ ଉପରେ ଗୁରଦାସ୍‌ପୁରଠାରେ ମୋକଦ୍ଦମା ଚାଲୁଥିଲା ଏବଂ ସେଠି ଟଙ୍କାର ନିହାତି ଆବଶ୍ୟକ ଥିଲା । ହଜ୍‌ରତ୍ ସାହେବ ବନ୍ଧୁମାନଙ୍କୁ ଆହ୍ୱାନ ଦେଇଥିଲେ ଯେ ଯେହେତୁ ଖର୍ଚ୍ଚ ବଢ଼ିଚାଲିଛି । ଲଙ୍ଗର ଖାନା ଦୁଇଟି ସ୍ଥାନରେ ହୋଇଗଲାଣି । ଗୋଟିଏ କାଦିଆନ୍‌ରେ ଏବଂ ଆଉ ଗୋଟିଏ ଗୁରଦାସ୍‌ପୁରଠାରେ । ଏତଦ୍‌ବ୍ୟତୀତ ମୋକଦ୍ଦମାରେ ଖର୍ଚ୍ଚ ହେଉଛି । ତେଣୁ ବନ୍ଧୁଗଣ ସାହାଯ୍ୟ କରିବା ପାଇଁ ଧ୍ୟାନ ଦିଅନ୍ତୁ । ଯେତେବେଳେ ହଜ୍‌ରତ୍ ସାହେବ୍‌ଙ୍କ ତହ୍‌ରିକ୍ ଡାକ୍ତର ସାହେବ୍‌ଙ୍କ ନିକଟରେ ପହଂଚିଲା । ସଂଯୋଗ ବସତଃ ସେହିଦିନ ତାଙ୍କୁ ତାଙ୍କର ଦରମା ପାଖାପାଖି ୪୫୦ ଟଙ୍କା ମିଳିଥିଲା । ସେହି ସମସ୍ତ ଟଙ୍କାକୁ ସେହି କ୍ଷଣି ସେ ଆପଣ ଆ:ସ ଙ୍କ ନିକଟକୁ ପଠାଇଦେଲେ । ଜଣେ ବନ୍ଧୁ କହିଲେ ଯେ ଆପଣ ନିଜ ଘର ଚଳିବା ପାଇଁ କିଛି ରଖିଲେ ନାହିଁ । ଏହା ଶୁଣି ସେ କହିଲେ ଖୁଦାଙ୍କ ନବୀ କହୁଛନ୍ତି ଦୀନ୍ (ଧର୍ମ) ପାଇଁ ଜରୁରତ୍ ଅଛି ତେବେ ପୁଣି ଆଉ କାହା ପାଇଁ ରଖିଥାନ୍ତି । ସୁତରାଂ ଡାକ୍ତର ସାହେବ୍ ଦୀନ୍ (ଧର୍ମ) ପାଇଁ ଏତେ ବଢ଼ିଯାଇଥିଲେ ଯେ ହଜ୍‌ରତ୍ ସାହେବ୍ ତାଙ୍କୁ ରୋକିବା ପାଇଁ ବାଧ ହେଲେ । ଏବଂ ତାଙ୍କୁ କହିବାକୁ ପଡ଼ିଲା ଯେ ଏବେ ତାଙ୍କୁ କୁର୍ବାନୀର ଆବଶ୍ୟକ ନାହିଁ । (ରୋଜନାମା ଅଲ୍‌ଫଜଲ୍ ୧୧ ଜାନୁଆରୀ ୧୯୨୭) କ୍ରମଶଃ..

ପୃଷ୍ଠା-୧୨ ର ଅବଶିଷ୍ଟାଂଶ.......

ଅନୁଗ୍ରହ । ସେଗୁଡିକୁ ଧନ୍ୟବାଦର ସହିତ ଗ୍ରହଣ କରିନିଅନ୍ତୁ । ତାଙ୍କ ଉପରେ କୌଣସି ବାଧ ନାହିଁ ଯେ ସେ ଆପଣମାନଙ୍କୁ ନିଶ୍ଚିତ ରୂପେ ଦେବେ ବୋଲି । ଯେଉଁଠି ମସ୍‌ଜିଦ୍ ନିର୍ମାଣ ହେବ ସେଠି ଫଣ୍ଡ ଏକାଠି କରିବା ଆପଣ ମାନଙ୍କ ପାଇଁ ଫର୍ଜ ଅଟେ ।

### ସେକ୍ରେଟାରୀ ଉମୁରେ ଖାରିଜିଆଃ

ଏହାପରେ ସେକ୍ରେଟାରୀ ଉମୁରେ ଖାରିଜିଆଃ ନିଜର ରିପୋର୍ଟ ଉପସ୍ଥାପନ କରି କହିଲେ ଯେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ଦୌରା ସମୟରେ ମସ୍‌ଜିଦ୍ ଗୁଡିକର ଉଦ୍‌ଘାଟନୀ ସମ୍ବନ୍ଧରେ ହୋଇଥିବା କାର୍ଯ୍ୟ ବ୍ୟତୀତ ଆମ ପାଖରେ ବର୍ତ୍ତମାନ ଦୁଇଟି ପ୍ଲାନ୍ ଅଛି । ପ୍ରଥମଟି ହେଉଛି ମିଡ଼ିଆ ସହିତ ଯୋଗାଯୋଗ ଏବଂ ପ୍ରେସ୍ କନ୍‌ଫରେନ୍‌ସ ଏବଂ ବର୍ତ୍ତମାନ ପ୍ରତ୍ୟେକ ଜିଲ୍ଲାରେ ତବ୍‌ଲିଗ୍ ବିଭାଗ ସହିତ ମିଶି ପ୍ରେସ୍ କନ୍‌ଫରେନ୍‌ସ କରାଯାଉଛି । ବର୍ତ୍ତମାନ ସୁଧା ୬୫ ଟି ପ୍ରେସ୍ କନ୍‌ଫରେନ୍‌ସ ହୋଇସାରିଛି । ଏଥିରେ ହଜୁର୍ ଅନୁଓ୍ୱର କହିଲେ ବହୁତ ଭଲ କଥା ଯେ ଏତେଗୁଡିଏ ପ୍ରେସ୍ କନ୍‌ଫରେନ୍‌ସ ହେଉଅଛି କିନ୍ତୁ ଏହାପରେ ଏହାର ନିୟମିତ ରୂପେ Follow up ମଧ୍ୟ ହେବା ଉଚିତ୍ । ଯେଉଁ ସମ୍ପର୍କ ଗଢ଼ୁଛନ୍ତି ତାକୁ କାଏମ୍ ମଧ୍ୟ ରଖନ୍ତୁ । ଗୋଟିଏ ଦୁଇଟି ସ୍ଥାନରେ ବହୁତ ଭଲ ସମ୍ପର୍କ ଅଛି କିନ୍ତୁ ସେଥିରେ ସେହି ସମ୍ପର୍କକୁ ଆହୁରି ବଢ଼ାଇବା ଉଚିତ୍ ।

### ସେକ୍ରେଟାରୀ ତାଲିମୁଲ୍ କୁରଓ୍ୱାନ୍

ଏହାପରେ ସେକ୍ରେଟାରୀ ତାଲିମୁଲ୍ କୁରଓ୍ୱାନ୍ ହଜୁର୍ ଅନୁଓ୍ୱର୍‌ଙ୍କ ପଚାରିବାରେ ବତାଇଲେ ଯେ ଆମ୍ଭେ କ୍ଲାସ୍ ଆରମ୍ଭ କରିଦେଇଛୁ ଓ ସାତ ଆଠ ମାସ ହେବ ଏହାକୁ ଜାରି ରଖାଯାଇଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ପଚାରିବାରୁ ସେକ୍ରେଟାରୀ ତାଲିମୁଲ୍ କୁରଓ୍ୱାନ୍ କହିଲେ ଯେ ବର୍ତ୍ତମାନ ଚାଳିଶିଟି ଯମାତ ଏବଂ ଦଶଟି ଲୋକାଲ୍ ଇମାରତ୍‌ରେ ନିୟମିତ ରୂପେ କ୍ଲାସ ହେଉଅଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ପଚାରିବାରେ ସେକ୍ରେଟାରୀ ତାଲିମୁଲ୍ କୁରଓ୍ୱାନ୍ କହିଲେ ଯେ ଓ୍ୱକ୍‌ଫେ ଆରଜି ସମ୍ବନ୍ଧରେ ବିଶେଷ ରୂପେ କୌଣସି କାମ ହୋଇନାହିଁ । ଏଥିରେ ହଜୁର୍ ଅନୁଓ୍ୱର୍ କହିଲେ ଏ ସମ୍ବନ୍ଧରେ ମଧ୍ୟ କାମ କରାନ୍ତୁ । ମଜ୍‌ଲିସ୍ ଆମେଲାର ସଦସ୍ୟମାନେ, ଖୁଦାମୁଲ୍ ଅହେମଦୀୟା, ଅନ୍‌ଶାରୁଲ୍ଲାଃ, ଯମାତ୍ ଆମେଲାର ସଦସ୍ୟଗଣ ସେ ସମସ୍ତଙ୍କୁ ତହ୍‌ରିକ୍ କରନ୍ତୁ ଯେ ସର୍ବପ୍ରଥମେ ତ ଆମେଲାର ମେମ୍ବର୍‌ମାନେ ନିଜେ ଓ୍ୱକ୍‌ଫେ ଆର୍‌ଜି କରନ୍ତୁ । ଆପଣଙ୍କ ନ୍ୟାସିନାଲ୍ ଆମେଲାର ମେମ୍ବର୍‌ମାନେ ଅଛନ୍ତି । ସେମାନଙ୍କୁ ମଧ୍ୟ କୁହନ୍ତୁ ଯେ ସେମାନେ ଓ୍ୱକ୍‌ଫେ ଆର୍‌ଜି କରନ୍ତୁ । ଏମାନେ କେବଳ ଏଠାରେ ବସିବାକୁ ହୋଇନାହାଁନ୍ତି । ପ୍ରଥମେ ଘରୁ କାମ ଆରମ୍ଭ କରନ୍ତୁ । ତା ପରେ ଲୋକମାନଙ୍କ ମଧ୍ୟରେ ତହ୍‌ରିକେ ଜନ୍ମ ହେବ । ଦୁଇବର୍ଷ ଭିତରେ କେତେ ଏପରି ସଦରମାନେ ଅଛନ୍ତି ଯିଏ ଓ୍ୱକ୍‌ଫେ ଆର୍‌ଜି କରିଛନ୍ତି ? କେତେ ଆମେଲାର ସଦସ୍ୟମାନେ ଅଛନ୍ତି ଯେଉଁମାନେ ଓ୍ୱକ୍‌ଫେ ଆର୍‌ଜି କରିଛନ୍ତି ? ଯଦି ଆପଣମାନେ ନିଜେ କରିନାହାଁନ୍ତି ତେବେ ଅନ୍ୟମାନେ କାହିଁକି କରିବେ ।

### ସେକ୍ରେଟାରୀ ଇଶାଅତ୍

ଏହାପରେ ସେକ୍ରେଟାରୀ ଇଶାଅତ୍ ରିପୋର୍ଟ ଉପସ୍ଥାପନ କରି କହିଲେ ଯେ ଏହି ବର୍ଷ ୧୫ ଟି ପୁସ୍ତକ ଛପା ଯାଇଛି । ସେମାନଙ୍କ ମଧ୍ୟରୁ ପବିତ୍ର କୋରାନ୍ (ଜର୍ମାନୀ ଅନୁବାଦ), ନମାଜ ମୁତରଜିମ୍, ଓ୍ୱକ୍‌ଫେ ନୌ କା ନିସାଦ, କଶ୍‌ତିନୁହ୍, ଇସ୍‌ଲାମ୍ ଉସୁଲ୍ କି ଫିଲାସଫି ଏବଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ କିଛି ପୁସ୍ତକର ଅନୁବାଦ ଅଛି ।

### ନ୍ୟାସିନାଲ୍ ଅମିନ୍

ନ୍ୟାସିନାଲ୍ ଅମିନ୍ ବତାଇଲେ ଯେ ତାଙ୍କର କାମ ବିଭିନ୍ନ ବିଭାଗ ଗୁଡିକୁ କ୍ୟାସ୍ ଯୋଗାଇବା ଏବଂ ସମସ୍ତ ଯମାତ୍‌ରୁ ଯେଉଁ ଗହଣା ଗୁଡିକ ଆସୁଛି ତାର ଡ଼ିସ୍ପୋଜାଲ୍ କରିବା । ହଜୁର୍ ଅନୁଓ୍ୱର୍ ଅ:ବ:ଅ ପଚାରିବାରୁ ସେ କହିଲେ ଯେ ସୋବା ମାଲ୍ (ମାଲ୍ ବିଭାଗ)ରୁ ଯେଉଁ ଭାଉଚର୍ ଆସୁଛି ତା ମୁତାବକ ପଇଠ କରାଯାଉଛି ।

### ନ୍ୟାସିନାଲ୍ ସେକ୍ରେଟାରୀ ସନ୍‌ଅତ୍ ଓ୍ୱ ତିଜାରତ୍

ଏହାପରେ ନ୍ୟାସିନାଲ୍ ସେକ୍ରେଟାରୀ ସନ୍‌ଅତ୍ ଓ୍ୱ ତିଜାରତ୍ ନିଜ ବିଭାଗର ରିପୋର୍ଟ ଉପସ୍ଥାପନ କରି ବତାଇଲେ ଯେ ସେ ବିଜ୍‌ନେସ୍ ମ୍ୟାନ୍ ଲୋକମାନଙ୍କର ଡାଟା ଅପଡେଟ୍ କରୁଛନ୍ତି । ଏହାପରେ ଗୋଟିଏ ନୂଆ ଡାଇରେକ୍ଟୋରି ବାହାର କରିବେ ଯାହାକୁ ଜଲ୍‌ସା ସାଲାନାରେ ପ୍ରକାଶ କରିବେ । ଏତଦ୍‌ବ୍ୟତୀତ ଇନ୍‌ଫୋ ସେମିନାର୍ ଗୁଡିକର ମଧ୍ୟ ଯୋଜନା ଅଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ପଚାରିଲେ ଯେ ଯେଉଁ ନୂଆ ଲୋକମାନେ ଆଜାଇଲମ୍ ସିକର୍ଜ ଆସୁଛନ୍ତି ସେମାନଙ୍କୁ ଛୋଟ ମୋଟ କାମ ଦେବା ବା ଟ୍ରେନିଂ ଦେବା ବିଷୟରେ ଆପଣ କୌଣସି ବ୍ୟବସ୍ଥା କରୁଛନ୍ତି କି ନାହିଁ ? ସେଥିରେ ସେକ୍ରେଟାରୀ ସନ୍‌ଅତ୍ ଓ୍ୱ ତିଜାରତ୍ କହିଲେ ଯେ ଆମେ ପ୍ଲାନିଂ କରୁଛୁ ଯେ ଲୋକାଲ୍ ସେକ୍ରେଟାରୀମାନଙ୍କ ସହିତ ମିଶି ଲୋକାଲ୍ ସଣ୍ଡେ ମାର୍କେଟ୍‌ରେ ଲୋକମାନଙ୍କୁ ପଠାଇବୁ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କେବଳ ପ୍ଲାନିଂ ନ କରି କାମ ମଧ୍ୟ କରନ୍ତୁ ।

### ଏକ୍ସ୍‌ଟ୍ରାନାଲ୍ ଅଡ଼ିଟର୍

ଏହାପରେ ଏକ୍ସ୍‌ଟ୍ରାନାଲ୍ ଅଡ଼ିଟର୍ ରିପୋର୍ଟ ଉପସ୍ଥାପନ କରି ବତାଇଲେ ଯେ ସେ ଅନ୍‌ଶାରୁଲ୍ଲାଃ, ଲଜନା ଇମାଇଲ୍ଲାଃ ଏବଂ ଯମାତ୍ର ଅଡିଟ୍ ରିପୋର୍ଟ ଗୁଡିକୁ ମର୍କଜ୍‌କୁ ପଠାଇ ସାରିଛନ୍ତି । ଏଥିରେ ହଜୁର୍ ଅ:ବ:ଅ କହିଲେ 'ଠିକ୍ ହେ' ।

### ଶୋବା ମୁହାସିବ୍ (ମୁହାସିବ୍ ବିଭାଗ)

ଏହାପରେ ମୁହାସିବ୍ ନିଜ ବିଭାଗର ରିପୋର୍ଟ ଉପସ୍ଥାପନ କରି କହିଲେ ଯେ ସେ ମାସିକ ରିପୋର୍ଟ ପ୍ରସ୍ତୁତ କରୁଛନ୍ତି ଯେଉଁଥିରେ ଇନ୍‌କମ୍ ଏବଂ ଖର୍ଚ୍ଚର ରିପୋର୍ଟ ସାମିଲ୍ ହୋଇଥାଏ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ପଚାରିବାରୁ ମହାଶିବ୍ କହିଲେ ଫିଲ୍‌ଡ଼ରୁ ବା ବିଭିନ୍ନ ବିଭାଗରୁ ଯେଉଁ ଭାଉଚର ଆସୁଅଛି ସେଥିରେ ପ୍ରଥମେ ବିଭାଗୀୟ ସେକ୍ରେଟାରୀ ନିଜେ ଦସ୍ତଖତ କରୁଛନ୍ତି । ତା ପରେ ଏହି ଭାଉଚର ଗୁଡିକ ଶୋବାମାଲ୍‌କୁ ଯାଉଛି । ଯେଉଁଥିରେ ସେକ୍ରେଟାରୀ ସାହେବ୍ ମାଲ୍ ଦସ୍ତଖତ୍ କରୁଛନ୍ତି । ପୁଣି ସେହି ଭାଉଚର୍ ଗୁଡିକ ଉପରେ ଅମୀର୍ ସାହେବ୍ ବା ମିଶ୍‌ନାରୀ ଇନ୍‌ଚାର୍ଜ ସାହେବ୍ ଦସ୍ତଖତ୍ କରୁଛନ୍ତି । ଏହାପରେ ଭାଉଚର୍ ଗୁଡିକ ଆମ ପାଖକୁ ପେମେଂଟ୍ ନିମନ୍ତେ ବା ଆକାଉଂଟିଂ ନିମନ୍ତେ ଆସୁଅଛି । ଏଥିରେ ହଜୁର୍ ଅନୁଓ୍ୱର୍ କହିଲେ ଏସବୁରେ ଅମୀର ସାହେବ ନିଜେ ଦସ୍ତଖତ କରିବା ଉଚିତ୍ ଏବଂ ଏହି ସମସ୍ତ ଭାଉଚର ଗୁଡିକ ଉପରେ ଅମୀର ସାହେବ୍‌ଙ୍କର ତଦ୍‌ଦିକ୍ ହେବା ଉଚିତ୍, ନାଏବ ଅମୀର୍‌ଙ୍କର ନୁହେଁ ।

### ଶୋବା ତରବିୟତ୍ ନୌ ମୋବାଇନ୍ (ନୂଆ ଅହେମଦୀମାନଙ୍କର ତରବିୟତୀ ବିଭାଗ)

ହଜୁର୍ ଅନୁଓ୍ୱର୍ ଅ:ବ:ଅ ପଚାରିଲେ ଯେ ଏବର୍ଷ ୧୨୬ ଟି ବୟତ୍ ହୋଇଛି । ଏବଂ ଏହିପରି ପଛ ଦୁଇବର୍ଷରେ ଯେଉଁ ବୟତ ହୋଇଛି ସେହି ନୌ ମୋବାଇନ୍ ମାନଙ୍କୁ ମୁଖ୍ୟ ଧାରାରେ ଆଣିବା ପାଇଁ ଆପଣମାନେ କଣ କଣ କରିଛନ୍ତି ?

ଏମାନଙ୍କ ଭିତରୁ କେତେକଙ୍କ ସହିତ ଆପଣମାନଙ୍କର ଯୋଗାଯୋଗ ରହିଛି ? ଏଥିରେ ସେକ୍ରେଟାରୀ ତରବିୟତ୍ ନୌ ମୋବାଇନ୍ କହିଲେ ଯେ ତାଙ୍କ ପାଖରେ ମହିଳାମାନଙ୍କ ସହିତ ଯୋଗାଯୋଗର କୌଣସି ରିପୋର୍ଟ ନାହିଁ କିନ୍ତୁ ପୁରୁଷ ମାନଙ୍କ ମଧ୍ୟରୁ ପଚ୍ଛବର୍ଷର ନୌ ମୋବାଇନ୍ ମାନଙ୍କ ଭିତରୁ ୫୯ ଜଣ ଆରବୀୟଙ୍କ ସହିତ ଯୋଗାଯୋଗ କରାଯାଇଛି । ଆମ୍ଭେ ଏଠାରେ ଆରବ୍ ଡେସ୍କ ତିଆରି କରିଛୁ ଯାହାର ଇନଚାର୍ଜ୍ ହଫିଜୁଲ୍ଲାଃ ଭେରୋନା ସାହେବ୍ ଅଛନ୍ତି ଯିଏ ମୋତେ ରିପୋର୍ଟ ଦେଉଛନ୍ତି । ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଆପଣଙ୍କୁ ମହିଳାମାନଙ୍କ ସମ୍ବନ୍ଧରେ ମଧ୍ୟ ଜ୍ଞାନ ରଖିବା ଉଚିତ୍ । ଆପଣ ଲଜନାଙ୍କଠାରୁ ରିପୋର୍ଟ ନିଅନ୍ତୁ ଯେ ସେମାନଙ୍କ ମଧ୍ୟରୁ କେତେକଙ୍କ ସହିତ ଯୋଗାଯୋଗ ଅଛି ଏବଂ କେତେକଙ୍କ ସହିତ ନାହିଁ? ଯଦି ଆପଣଙ୍କ ପାଖରେ ରିପୋର୍ଟ ନ ରହିବ ତେବେ ଆପଣ ସେମାନଙ୍କୁ କିପରି ନେଜାମ୍ ସହିତ ଯୋଡ଼ିପାରିବେ ? ନୌ ମୋବାଏ ପୁରୁଷ ଏବଂ ନୌ ମୋବାଇଆତ୍ ମହିଳାମାନେ, ଦୁଇଜଣଙ୍କର ତରବିୟତ୍ କରିବାର ଦାୟିତ୍ୱ ଆପଣଙ୍କର ଅଟେ । ଯଦି ଆପଣମାନେ ସେହି ନୌ ମୋବାଇନଙ୍କ ତରବିୟତ୍ ନିମନ୍ତେ କୌଣସି ଯୋଜନା ପ୍ରସ୍ତୁତ କରିଛନ୍ତି ତେବେ ତାକୁ ଲଜନାକୁ ମଧ୍ୟ ଦେବା ଉଚିତ୍ । ଯଦ୍ୱାର ଲଜନା ମଧ୍ୟ ଏହି ଯୋଜନା ଉପରେ କାର୍ଯ୍ୟ କରାଇପାରିବେ । ଏହି ଯୋଜନା ଉପରେ ଅମଳ କରାଇବା ଲଜନାଙ୍କ ତରଫରୁ ହେବ କିନ୍ତୁ ଏହି ପ୍ଲାନ୍ ଆପଣମାନେ ହିଁ ତାଙ୍କୁ ଯୋଗାଇବେ ।...

**ଶୋବା ସମଇ ବସରୀ**

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେ ସମଇ ବସରୀ ବିଭାଗ କୌଣସି ପ୍ରୋଗ୍ରାମ୍‌କୁ ଯେପର୍ଯ୍ୟନ୍ତ ମର୍କଜ ତରଫରୁ ମଞ୍ଜୁରୀ ନ ଆସିଛି ସେ ପର୍ଯ୍ୟନ୍ତ ଏୟାର୍ କରିପାରିବେ ନାହିଁ । ମୁଁ ଆପଣଙ୍କୁ ଲେଖି ମଧ୍ୟ ପଠାଇଥିଲି । ପ୍ରଥମେ ମର୍କଜର ଡାଇରେକ୍ଟର୍ ପ୍ରୋଗ୍ରାମିଂଙ୍କ ଠାରୁ ମଞ୍ଜୁରୀ ନେବେ ତା ପରେ ଏହାକୁ ଏୟାର୍ କରିପାରିବେ, ତାକୁ ଓ୍ୱେବ୍‌ସାଇଟ୍‌ରେ ଦିଆଯାଉ ବା ଆଉ କୌଣସି ଜିନିଷରେ ଦିଆହେଉ । ଆପଣଙ୍କ ପାଖରେ ପ୍ରୋଗ୍ରାମ୍ ଏୟାର୍ କରିପାରିବାର ସମ୍ପୂର୍ଣ୍ଣ ରୂପେ କୌଣସି ଅଧିକାର ନାହିଁ ।

ଏହାପରେ ସମଇ ବସରୀ ବିଭାଗର ସେକ୍ରେଟାରୀ ସାହେବ୍ ନିଜ ବିଭାଗର ରିପୋର୍ଟ ଉପସ୍ଥାପନ କରି କହିଲେ ଯେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ଖୁତ୍‌ବାତେ ଜୁମା ଗୁଡ଼ିକୁ ଜର୍ମାନୀ ଅନୁବାଦର Subtitling ର କାର୍ଯ୍ୟ କରିବାର ସୌଭାଗ୍ୟ ମିଳୁଅଛି । ସେଥିପାଇଁ ଆମେ ଗୋଟିଏ ସଫ୍‌ଟଓ୍ୱାର୍ ମଧ୍ୟ ପ୍ରସ୍ତୁତ କରିଛୁ ଯାହା ଏବେ ଟେଷ୍ଟିଂ ଫେଜ୍‌ରେ ଅଛି ।

**ଆଡିଶିନାଲ୍ ସେକ୍ରେଟାରୀ ଓ୍ୱକ୍‌ଫେ ନୌ**

ଆଡିଶିନାଲ୍ ସେକ୍ରେଟାରୀ ଓ୍ୱକ୍‌ଫେ ନୌ ବତାଇଲେ ଯେ ତାଙ୍କ ଦାୟିତ୍ୱରେ ଓ୍ୱାକିଫିନେ ନୌ ର କ୍ୟାରିଅର୍ ପ୍ଲାନିଂ ଏବଂ କୋଚିଂ ର କାର୍ଯ୍ୟ ଅଛି । ଏହାକୁ ତିନିଭାଗରେ ବିଭକ୍ତ କରାଯାଇଛି । ସପ୍ତମ ଶ୍ରେଣୀରୁ ଆମ୍ଭେ ଆରମ୍ଭ କରିଦେଉଛୁ । ଏହାପରେ ପୁଣି Real Schule ବାଲା ଅଛନ୍ତି । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ Real Schule ଙ୍କୁ ମୁଁ ଦେଖିସାରିଛି ଯେ ସାଧାରଣତଃ ସେମାନେ ପାଠ ଛାଡ଼ିଦେଉଛନ୍ତି । ଯଦି ଆପଣମାନେ ସେମାନଙ୍କୁ ଉତ୍ତମ ରୂପେ ଗାଇଡ୍ କରିବେ ତେବେ ସେମାନେ ଯମାତ୍ ପାଇଁ ବହୁତ ଭଲ asset ହୋଇପାରିବେ । ଏଥିରେ ଏଡ଼ିଶିନାଲ୍ ସେକ୍ରେଟାରୀ ଓ୍ୱକ୍‌ଫେ ନୌ କହିଲେ ଯେ ଏଥିପାଇଁ ଆମେ ଗୋଟିଏ Menter system ତିଆରି କରିଛୁ ଯେ ଗୋଟିଏ ୟୁନିଭରସିଟିରେ ପଢୁଥିବା ଓ୍ୱାକିଫେ ନୌ ଏକାଦଶ ଶ୍ରେଣୀରୁ ନେଇ ତ୍ରୟଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଂଚଜଣ ଷ୍ଟୁଡେଂଟ୍‌ଙ୍କୁ ସେ ଗାଇଡ୍ କରିବ ଏବଂ ତାଙ୍କର ପର୍ସନାଲ୍ କୋଚିଂ କରିବ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଏହା ବହୁତ ଭଲ କଥା ଆପଣ ସେମାନଙ୍କର ଟିମ୍ ପ୍ରସ୍ତୁ କରନ୍ତୁ । କିନ୍ତୁ ମୁଁ ଏହା ମଧ୍ୟ ଦେଖିଛି ଯେ ୟୁନିଭରସିଟିରେ ପଢୁଥିବା ପିଲାମାନଙ୍କ ମଧ୍ୟରୁ ଏପରି ଓ୍ୱାକିଫିନ୍‌ଙ୍କ ପର୍ସେଂଟେଜ୍ ବଢ଼ିଚାଲିଛି ଯେଉଁମାନେ ୟୁନିଭରସିଟି ଯାଉଛନ୍ତି ଏବଂ ଗୋଟିଏ ବିଷୟରେ ବ୍ୟାଚ୍‌ଲର୍ କରିବା ପାଇଁ ଆଡ଼ମିଶନ୍ ନେଇଛନ୍ତି । ଦୁଇବର୍ଷ ପଢୁଛନ୍ତି ଏବଂ ଫେଲ୍ ହୋଇ ଚାଲିଛନ୍ତି ଏବଂ ପୁଣି କହୁଛନ୍ତି ଯେ ଆମେ ଆଉ କୌଣସି ବିଷୟ ଉପରେ switch କରିବାକୁ ଚାହୁଁଛୁ । ଏପରି ଷ୍ଟୁଡେଂଟ୍ ମାନଙ୍କୁ ଯେବେ ମେଂଟର୍ ବନାଇବେ ତେବେ ପୁଣି ଯେଉଁମାନଙ୍କର ସେମାନେ ମେଂଟର୍ ହେବେ ସେମାନେ ମଧ୍ୟ ଏହିପରି ହେବେ । ତେଣୁ ପ୍ରଥମେ ଚେକ୍ କରି ନିଅନ୍ତୁ ଯେ ଆପଣ ୟୁନିଭରସିଟିର ପିଲାମାନଙ୍କ ମଧ୍ୟରୁ ଯେଉଁ କାଉନ୍‌ସିଲିଂ ଏବଂ କୋଚିଂର ଟିମ୍ ପ୍ରସ୍ତୁତ କରୁଅଛ ସେମାନେ ଏପରି ପିଲା ହେବା ଉଚିତ୍ ଯିଏ ଚତୁର ମଧ୍ୟ ଥିବେ ଏବଂ ନିଜ ଫିଲ୍‌ଡ଼ରେ ପୁରା ଇନ୍‌ଫର୍‌ମେସନ୍ ଦେଇ ମଧ୍ୟ ପାରୁଥିବେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଏତଦ୍‌ବ୍ୟତୀତ ମୁଁ ଏହା କହିଥିଲି ଯେ ବାହାରୁ ଯେଉଁ କିଛି ବିଶେଷ expert ଅଛନ୍ତି, ତାଙ୍କଠାରୁ ମଧ୍ୟ ବର୍ଷକ ଭିତରେ ଥରେ ଅଧେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ପିଲାମାନଙ୍କର ସେମିନାର୍ କରାଇପାରିବେ । ହୋଇପାରେ ଏଥିଯୋଗୁଁ କିଛି ଖର୍ଚ୍ଚ କରିବାକୁ ହେବ କିନ୍ତୁ ଏପରି ହିଁ କିଛି ଲୋକ ଅଛନ୍ତି ଯେଉଁମାନେ ସ୍ୱେଚ୍ଛାସେବକ ରୂପେ କୌଣସି ଅର୍ଥ ନ ନେଇ କାଉନ୍‌ସିଲିଂ ପାଇଁ ପ୍ରସ୍ତୁତ ଅଛନ୍ତି ।

ଏହାପରେ ଏଡିଶିନାଲ୍ ସେକ୍ରେଟାରୀ ଓ୍ୱକ୍‌ଫେ ନୌ ବତାଇଲେ ଯେ ଆମ ପାକରେ ୟୁନିଭରସିଟିରେ ପଢୁଥିବା ୨୩୨ ଜଣ ଷ୍ଟୁଡେଂଟ୍ ଅଛନ୍ତି । ତେଣୁ ଆମେ ବିଭିନ୍ନ series ପ୍ରସ୍ତୁତ କରୁଛୁ । ଏ ପର୍ଯ୍ୟନ୍ତ ଆମେ ୧୮ ଟି series ପ୍ରସ୍ତୁତ କରିସାରିଛୁ । ଯାହାଦ୍ୱାରା ଷ୍ଟୁଡେଂଟ୍‌ମାନଙ୍କ ଭିତରେ ଆପୋଷରେ ନେଟ୍‌ଓ୍ୱାର୍କ ହୋଇପାରିବ ଏବଂ ସେମାନେ ବିଷୟବସ୍ତୁ ସମ୍ବନ୍ଧରେ ଜଣେ ଅନ୍ୟଜଣଙ୍କ ଠାରୁ ଲାଭ ଉଠାଇପାରିବେ ।

ସେକ୍ରେଟାରୀ ଜାଏଦାଦ୍

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ପଚାରିବା ପରେ ସେକ୍ରେଟାରୀ ଜାଏଦାଦ୍ କହିଲେ ଯେ ପୁରା ଦେଶରେ ବର୍ତ୍ତମାନ ଯମାତ୍‌ର ୭୭ ଟି ପ୍ରପର୍ଟି ଅଛି । ଏହି ସବୁ ପ୍ରପର୍ଟିର ରେକର୍ଡ ଇତ୍ୟାଦି ଶୋବା ଜାଏଦାଦ୍‌ଙ୍କ ନିକଟରେ ଅଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ମୁଁ ଶୁଣୁଛି ବଇତୁଲ୍ ଆଫିଅତ୍ ରେ କିଛି ପରିବର୍ତ୍ତନ କରାଯାଉଛି ବୋଲି ଏବଂ ବଡ଼ ହଲ୍‌କୁ ପାଟିଶନ୍ କରି ସେଥିରେ ଘର ତିଆରି କରୁଛ । ଏହାର କଣ ଲାଭ ହେବ ? ଯଦି ପରେ କୌଣସି ସମୟରେ ସେଠି ନମାଜ ଇତ୍ୟାଦି ପଢ଼ିବା ପାଇଁ ଅନୁମତି ମିଳିଯାଏ ତେବେ ଏହି ଯାଗା ତ ବ୍ୟବହାରରେ ଆସିବ ନାହିଁ । ଏଥିରେ ସେକ୍ରେଟାରୀ ଜାଏଦାଦ୍ କହିଲେ ଯେ କାଉନ୍‌ସିଲ୍ ବାଲାଙ୍କର କହିବା ଏହା ଥିଲା ଯେ ସେଠି ଗୋଟିଏ ସୀମା ପର୍ଯ୍ୟନ୍ତ ଅନୁମତି ମିଳିପାରିବ କିନ୍ତୁ ଆପଣଙ୍କ ପାଖରେ ଗ୍ରାଉଂଡ୍ ଫ୍ଲୋର୍‌ରେ ବହୁତ ଅଧିକ ଯାଗା ଅଛି । ଯେହେତୁ ହଲ୍ ବଡ଼ଥିଲା । ତେଣୁ ତାକୁ ଛୋଟ କରାଗଲା । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଆପଣଙ୍କୁ ସେଠି ବଡ଼ ବଡ଼ ଘର ତିଆରି କରିବାର ଥିଲା । ଆପଣଙ୍କୁ ଯୋଜନା ଏପରି କରିବାର ଥିଲା ଯେ ଯଦି ତାକୁ ପରେ କୌଣସି କାର୍ଯ୍ୟ ପାଇଁ ବ୍ୟବହାର କରିବାକୁ ଆବଶ୍ୟକ ହୁଏ ତେବେ ତାହା ସହଜରେ ହୋଇପାରିବ । ଯଦି ତିନି ଚାରି ହଜାର ଲୋକ ଏଠାକୁ ଜୁମା ପଢ଼ିବା ପାଇଁ ଆସିଯିବେ ତେବେ ସେମାନଙ୍କ ମଧ୍ୟରୁ ପାଖାପାଖି ଦୁଇ ହଜାର୍ ବଇତୁଲ୍ ଆଫିଅତ୍ ରେ accommodate ହୋଇଯିବେ । ଏହିପରି ଯୋଜନା କରିଥାନ୍ତ ଯେ କି ସେଠାରେ ମଧ୍ୟ ଦୁଇ ହଜାର ଲୋକ accommodate ହୋଇଥାନ୍ତେ ।

ସେକ୍ରେଟାରୀ ଜାଏଦାଦ୍ କହିଲେ ଯେ ଏହାର ଉପରଭାଗ ଭଡା ଦିଆଯାଇଛି, ଯାହାକୁ ଗୋଟିଏ ଟିଭି ଚ୍ୟାନେଲ୍ ନେଇଛି କିନ୍ତୁ ଏହା ଅଠର ମାସର କଂଟ୍ରାକ୍ଟ ଅଛି ଯାହା ଶେଷ ହୋଇପାରିବ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଠିକ୍ ଅଛି । ଏହାକୁ terminate କରାଯାଇପାରିବ । ଆମେ ଭଡା ଦେବାପାଇଁ ତ ବିଲଡିଂ ନିର୍ମାଣ କରିନଥିଲୁ । ଏଥିରେ ଅମୀର୍ ସାହେବ୍ ଜର୍ମାନୀ କହିଲେ ଯେ କାଉନ୍‌ସିଲ୍ କହିଥିଲା ଯେ ଏଠାରେ ବହୁତ ବଡ଼ ଗ୍ୟାଦରିଂ ଇତ୍ୟାଦି ବା ଫଙ୍କସନ୍ ହୋଇପାରିବ ନାହିଁ । କାରଣ ଏଥିରେ ଯେଉଁ ହଲ୍ ଅଛି ତାହା ଷ୍ଟୋରେଜ୍ ପାଇଁ ତିଆରି ହୋଇଛି । ଏହା ଆସେମ୍ବଲି ହଲ୍ ନୁହେଁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କିନ୍ତୁ ସେକ୍ରେଟାରୀ ସାହେବ୍ ଜାଏଦାଦ୍‌ଙ୍କ କହିବା ମୁତାବକ ଯଦି ପାର୍କିଂ ଇତ୍ୟାଦିର ସମସ୍ୟାକୁ ସମାଧାନ କରିଦିଆଯିବ, ତେବେ ସମ୍ଭବତଃ ଏହି ହଲ୍ ଗୁଡ଼ିକରେ ଗ୍ୟାଦରିଂ ର ଅନୁମତି ମିଳିଯିବ । ତେଣୁ ଏହା ହେଉଛି negotiable । ସେ ଯାହା ହେଉ ବର୍ତ୍ତମାନ ଅନୁମତି ମିଳୁ ବା ନମିଳୁ କିନ୍ତୁ ଏହାକୁ ଏପରି ରହିବାକୁ ଦିଆଯାଉ । ଫଳତଃ ଭବିଷ୍ୟତରେ ବ୍ୟବହାର କରାଯାଇପାରିବ । ଏହାକୁ ଆଉ ଅଧିକ ପାଟିଶନ୍ ଇତ୍ୟାଦି କରିବାର କୌଣସି ଲାଭ ନାହିଁ । ସମ୍ଭବତଃ ବର୍ଷେ ଦୁଇବର୍ଷ ଭିତରେ ଅନୁମତି ମିଳିଯାଇପାରେ । ହୋଇପାରେ ଯେ ଛୋଟ ଛୋଟ ଫଙ୍କସନ୍‌ର ଅନୁମତି ମିଳିଯାଇପାରେ ବା କୌଣସି ଏମରଜେନ୍‌ସି ସମୟରେ ଏହା ବ୍ୟବହାର ହୋଇପାରିବ । ମୁଁ ତ ଏହା କହୁନାହିଁ ଯେ ଏହାକୁ ସବୁବେଳେ ବ୍ୟବହାର କରାଯିବ । ଅତି କମ୍‌ରେ ଅନଶାରୁଲ୍ଲାଃ ଙ୍କର ଦୁଇ ତିନି ଶହ ଲୋକ ସେଠି ଫଙ୍କସନ୍ କରିପାରିବେ । ଏହିପରି ଲଜନା ମଧ୍ୟ ନିଜର କିଛି ଛୋଟ ଛୋଟ ଫଙ୍କସନ୍ ସେଠାରେ କରିପାରିବେ ଏବଂ ଯେତେବେଳେ ଅନୁମତି ମିଳିଯିବ ତାକୁ

ଜୁମା ଇତ୍ୟାଦି ମୌକାରେ ମଧ୍ୟ ବ୍ୟବହାର କରାଯାଇପାରିବ ।

**ଆଡ଼ିଶିନାଲ୍ ସେକ୍ରେଟାରୀ ଉମୁରେ ଖାରିଜିଆଃ**

ଆଡ଼ିଶିନାଲ୍ ସେକ୍ରେଟାରୀ ଉମୁରେ ଖାରିଜିଆଃ କହିଲେ କି ଭିଜା ଇତ୍ୟାଦି ମାମ୍‌ଲା ତାଙ୍କ ଦାୟିତ୍ୱରେ ଅଛି । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ବାକି ସାରା ଦୁନିଆରେ ଅହେମଦୀମାନଙ୍କୁ ଇଣ୍ଡିଆ ପାଇଁ ଭିଜା ମିଳିଯାଉଛି କିନ୍ତୁ ଏଠି ଜର୍ମାନୀ ବାଲାଙ୍କ ପାଇଁ କାହିଁକି ସମସ୍ୟା ହେଉଛି । ଆଡ଼ିଶିନାଲ୍ ସେକ୍ରେଟାରୀ ଉମୁରେ ଖାରିଜିଆଃ କହିଲେ ଯେ ଯେଉଁ ଲୋକମାନେ ଦିଲ୍ଲୀ, ଅମୃତ୍‌ସର୍ ଇତ୍ୟାଦି ପାଇଁ ଭିଜା ଆବେଦନ କରିଥିଲେ ସେ ସମସ୍ତଙ୍କୁ ଭିଜା ମିଳିଯାଇଥିଲା କିନ୍ତୁ ଯେଉଁମାନେ ୱାଗା ବର୍ଡ଼ର ଦେଇ ଇଣ୍ଡିଆ ଯିବାକୁ ଚାହୁଁଥିଲେ କେବଳ ସେମାନଙ୍କୁ କୌଣସି କାରଣରୁ ଭିଜା ମିଳିପାରିଲା ନାହିଁ । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଆପଣଙ୍କୁ ଯମାତ୍ ଗୁଡିକରେ ଏ ସର୍କୁଲାର୍ କରାଇବା ଉଚିତ୍ ଯେ ଯଦି ଆପଣମାନେ ଆଗକୁ କାଦିଆନ୍ ଯିବାକୁ ଚାହୁଁଛନ୍ତି ତେବେ ଅମୃତ୍‌ସର୍ ବା ଦିଲ୍ଲୀ ହିସାବରେ ନିଜର ଗଷ୍ଟର ଯୋଜନା କରନ୍ତୁ ନଚେତ୍ ଭିଜା ପାଇବା ପାଇଁ ସମସ୍ୟା ଉପୁଜିବ । କାରଣ ଲୋକମାନେ ଯେତେବେଳେ ଆପତି କରୁଛନ୍ତି ସମ୍ପୂର୍ଣ୍ଣ ରୂପେ ଭିନ୍ନ ରଙ୍ଗର କରିଥାନ୍ତି । ସେଥିପାଇଁ ଆପଣମାନେ ମଧ୍ୟ ଏକ୍‌ସ୍‌ପ୍ଲେନ୍ କରିଦିଅନ୍ତୁ । ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଆମ୍ଭାସି ସହିତ ଆପଣ ମାନଙ୍କର ଯୋଗାଯୋଗ ସବୁବେଳେ ହେବା ଉଚିତ୍ । ତାଙ୍କୁ ପ୍ରଥମେ ପଚାରି ନିଅନ୍ତୁ ଯେ ଜଲ୍‌ସା ର ଭିଜା ପାଇଁ ଆପଣଙ୍କର କି ପ୍ରକାର ସର୍ତ୍ତ ଅଛି । ସେ ଯେଉଁ କଂଡିଶନ୍ ବତାଇବେ ତା ମୁତାବକ ଲୋକମାନଙ୍କୁ ପ୍ରଥମରୁ ଗାଇଡ୍ କରିଦିଅନ୍ତୁ ।...

**ସେକ୍ରେଟାରୀ ୱକ୍‌ଫେ ନୌ**

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ମୁଁ ଜାଣିବାକୁ ପାଇଛି ଯେ କିଛି ପଢ଼ା ଲେଖା ଝିଅ, ପୁଅ ଯେଉଁମାନେ କୋଡିଏ ଏକୋଇଶି ବର୍ଷର ହୋଇଗଲେଣି, ସେମାନେ ଏହା କହୁଛନ୍ତି ଯେ ଆମ ପାଖରେ ବହୁତ ଜ୍ଞାନ ଅଛି । ତେଣୁ ଆମକୁ ବର୍ତ୍ତମାନ କୌଣସି ସିଲାବସ୍ ଇତ୍ୟାଦି ପଢ଼ିବାକୁ ଆବଶ୍ୟକ ନାହିଁ । ତେଣୁ ଏ ଯେଉଁ ଏକୋଇଶି ବର୍ଷ ପର୍ଯ୍ୟନ୍ତ ର ସିଲାବସ୍ ଅଛି ସେଗୁଡିକ ସମସ୍ତଙ୍କୁ ପଢ଼ାନ୍ତୁ ଏବଂ ଯେଉଁମାନେ ପଢ଼ିନେଇଛନ୍ତି ସେମାନଙ୍କୁ ଆଉ ଅନ୍ୟ ପୁସ୍ତକ ଦିଅନ୍ତୁ । ଏବଂ ସେମାନଙ୍କୁ ଏହି ପୁସ୍ତକ ଗୁଡିକୁ ପଢ଼ିବା ପାଇଁ ରେକମେଂଡ୍ କରନ୍ତୁ । ସାଂସାରିକ ଜ୍ଞାନ ହାସଲ କରି ଜ୍ଞାନୀ ହେବାର ଏତେ ଗର୍ବ କରିବା ଉଚିତ୍ ନୁହେଁ ।

**ସେକ୍ରେଟାରୀ ଉମୁରେ ଆମା**

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଯେ କଜା ର ଫଇସଲା ଗୁଡିକ ଉପରେ ଅମଲ କରାଇବା, ଏଖ୍‌ରାଜ୍ ଓ ମାଫି (ଯମାତରୁ ବାହାର କରିବା ଓ କ୍ଷମା କରାଇବା)ର ରିପୋର୍ଟ କେବଳ ଉମୁରେ ଆମା ର କାର୍ଯ୍ୟ ନୁହେଁ । ଉମୁରେ ଆମା ର ଆହୁରି ବହୁତ କାର୍ଯ୍ୟ ଅଛି । ଯେପରି ବାକି ବିଭାଗ ଗୁଡିକ ନିଜର ଯୋଜନା ପ୍ରସ୍ତୁତ କରିଛନ୍ତି ସେପରି ଆପଣମାନଙ୍କୁ ମଧ୍ୟ କରିବା ଉଚିତ୍ । ସନଅତ୍ ଓ ତେଜାରତ୍ ବିଭାଗ ଯେପରି ଲିଷ୍ଟ ବନାଇଛନ୍ତି ସେହିପରି ଆପଣମାନେ ମଧ୍ୟ ବନାଇବା ଉଚିତ୍ । ଆପଣମାନେ ମଧ୍ୟ ଜାଣିବା ଉଚିତ୍ ଯେ ଆପଣଙ୍କର କେତେ ଲୋକ ବେକାର ବସିଛନ୍ତି । ବେକାରୀ ହୋଇଥିବା ଯୋଗୁଁ ସମସ୍ୟା ସୃଷ୍ଟି ହେଉଛି । ଏହିପରି ଆହୁରି ରାସ୍ତା ବାହାର କରନ୍ତୁ । ଖୁଦାମୁଲ୍ ଅହେମଦୀୟା, ଅନ୍‌ଶାରୁଲ୍ଲା ଙ୍କୁ ମଧ୍ୟ ଧ୍ୟାନ ଆକର୍ଷଣ କରାନ୍ତୁ ଯେ ଏମାନେ ବେକାର ବସିଛନ୍ତି । ତେଣୁ ଏମାନଙ୍କୁ କାମରେ ଲଗାନ୍ତୁ ।

ସମସ୍ତ ବିଭାଗର ଜାଏଜା ନେବାପରେ ହଜୁର୍ ଅନୁୱର୍ ଅ:ବ:ଅ ଆମେଲାର ସଦସ୍ୟମାନଙ୍କୁ ଏବଂ ଯମାତ୍‌ର ସଦର୍‌ମାନଙ୍କୁ କିଛି ସାଧାରଣ ନିର୍ଦ୍ଦେଶ ମାନ ଦେଲେ ।

**ସାଧାରଣ ନିର୍ଦ୍ଦେଶ**

ଏହାପରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ମୁଁ ସଦରମାନଙ୍କୁ ମଧ୍ୟ ଓ ଆମେଲାର ସଦସ୍ୟମାନଙ୍କୁ ମଧ୍ୟ ଏହା କହିବାକୁ ଚାହୁଁଛୁ ଯେ ନିଜକୁ ଖାଦିମେ ଦୀନ୍ (ଦୀନ୍ ର ସେବକ) ବୋଲି ଭାବନ୍ତୁ ଏବଂ ଖାଦିମେ ଦୀନ୍ ବୋଲି ଭାବି କାର୍ଯ୍ୟ କରନ୍ତୁ । ୱହ୍‌ଦାଦାର୍ ଭାବି କାମ ନ କରନ୍ତୁ । ୱହ୍‌ଦାଦାରୀ ବା ଅଫସରୀ ର ଯେଉଁ ଛବି ଜନ୍ମ ହୋଇଥାଏ ତା ଦ୍ୱାରା ଯମାତ୍‌ର ଲୋକମାନଙ୍କ ମଧ୍ୟରେ ଅଭିଯୋଗ ସୃଷ୍ଟି ହୋଇଥାଏ । ଆପଣମାନେ ହେଉଛନ୍ତି ଜଣେ ଜଣେ ଖାଦିମ୍ (ସେବକ) । ଆପଣମାନେ ପ୍ରତ୍ୟେକ ଲୋକମାନଙ୍କ ନିକଟରେ ପହଂଚିବା ଉଚିତ୍ ଏବଂ ସେମାନଙ୍କର ସମସ୍ୟାକୁ ଦୂର କରିବା ଉଚିତ୍ । ତଳସ୍ତରରେ ମଧ୍ୟ ଏପରି ନିଜାମ୍ ଏଥିପାଇଁ ତିଆରି କରାଯାଇଛି ଯେ ପ୍ରତ୍ୟେକଙ୍କ ସହିତ ଯୋଗାଯୋଗ ହେବ ଏବଂ ତାହା ପୁଣି ରିଜିଏନାଲ୍ ସ୍ତର ସହିତ ହେବ ପୁଣି ନ୍ୟାସିନାଲ ସ୍ତର ପର୍ଯ୍ୟନ୍ତ ହେବ ଏବଂ ପୁଣି ଖଲିଫାଏଓ୍ୱକ୍ତଙ୍କ ସହିତ ହୋଇପାରିବ । ଏହା କରିବା ପାଇଁ ହେଲେ ଆପଣମାନଙ୍କୁ ନିଜେ ଲୋକମାନଙ୍କ ନିକଟରେ ପହଂଚିବାକୁ ପଡ଼ିବ । ଏ ଅପେକ୍ଷା କରନ୍ତୁ ନାହିଁ ଯେ ଲୋକମାନେ ଆପଣଙ୍କ ପାଖକୁ ଆସିବେ । ସେହିପରି ଆପଣଙ୍କ ସେକ୍ରେଟାରୀ ମାଲ୍ ମାନଙ୍କୁ ମଧ୍ୟ ପ୍ରତ୍ୟେକ ସ୍ଥାନରେ ଆକ୍ଟିଭ୍ କରାନ୍ତୁ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ବିଶେଷ ଭାବେ ମୁରବୀଆନ୍ (ମୋବୋଲିଗିନ୍) ମାନଙ୍କର ସମ୍ମାନ କରନ୍ତୁ । ବେଳେବେଳେ ଏ ଅଭିଯୋଗ ଆସୁଛି ଯେ ମୁରବୀ ମାନଙ୍କୁ ଯେପରି ସମ୍ମାନ ମିଳିବା କଥା ତାହା ଆପରମାନେ ଦେଉନାହାଁନ୍ତି । ସେମାନେ ଏଠି ପଢ଼ିଥାନ୍ତୁ କି ଛୋଟ ହୋଇଥାଆନ୍ତୁ ବା ବଡ଼ ହୋଇଥାଆନ୍ତୁ ପରିଶେଷରେ ସେ ହେଉଛନ୍ତ ମୁରବୀ । ସେମାନଙ୍କର ସମ୍ମାନ କରିବା, ସେମାନଙ୍କର ଧ୍ୟାନ ରଖିବା, ସେମାନଙ୍କୁ ଶ୍ରଦ୍ଧା କରିବା । ଯଦି ଆପଣଙ୍କ ଯମାତ୍‌ରେ ତାଙ୍କର ନିଯୁକ୍ତି ଅଛି ତେବେ ସେମାନଙ୍କର ପ୍ରତ୍ୟେକ ଆବଶ୍ୟକତାକୁ ପୁରଣ କରିବା ହେଉଛି ଆପଣମାନଙ୍କର କାମ । ଯଦି କିଛି ଏପରି କଥା ଅଛି ଯାହା ହୋଇପାରୁନାହିଁ ତେବେ ତାହା ଆପଣ ଅମୀର ଯମାତ୍‌କୁ ଲେଖନ୍ତୁ ବା ଅମୀର ଯମାତ୍‌ଙ୍କ ମାଧ୍ୟମରେ ମର୍କଜ କୁ ଲେଖନ୍ତୁ । ଆମକୁ ଯେପରି କରିବା କଥା ଆମେ ସେପରି କରିବୁ । ଆପଣଙ୍କର ବା କୌଣସି ୱହ୍‌ଦାଦାର୍‌ମାନଙ୍କ ଏ କାର୍ଯ୍ୟ ନୁହେଁ ଯେ କୌଣସି ମୁରବୀଙ୍କ ସହିତ ସେ ଏପରି ବାର୍ତାଳାପ କରନ୍ତୁ ଯାହା ସେମାନଙ୍କର ସମ୍ମାନ ହାନି କରୁଥିବ । ସମସ୍ତେ ଏହା ଧାର୍ଯ୍ୟ କରନ୍ତୁ ଯେ ଏହାର ଧ୍ୟାନ ରଖିବେ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଏହିପରି ଜାତୀୟ ସ୍ତରରେ ଯେତେବେଳେ ବିଭିନ୍ନ ବିଭାଗର ପ୍ଲାନ୍ ପ୍ରସ୍ତୁତ କରାଯାଉଛି ସେତେବେଳେ ତାର ଆପ୍ରୁଭାଲ୍ ଆମେଲାଙ୍କ ନିକଟରୁ ନିଅନ୍ତୁ । ଆମେଲା ସହିତ ଡିସ୍‌କସନ୍ କରିବା ପରେ ହିଁ ଯମାତ୍‌ରେ ପ୍ରୟୋଗ କରନ୍ତୁ । ବେଳେବେଳେ ନୁଆ ନୁଆ ମଶୁରା ଆସିଥାଏ । ପୁଣି ତା ପରେ ନିୟମିତ ଭାବେ ତାକୁ ଅନୁସରଣ କରିବା ଉଚିତ୍ । ଏକୁଟିଆ କାମ କରିବାର ଅଭ୍ୟାସ୍‌କୁ ଶେଷ କରନ୍ତୁ । ସ୍ଥାନୀୟ ଯମାତର ଲୋକମାନଙ୍କୁ ମଧ୍ୟ, ୱହ୍‌ଦାଦାର୍ ମାନଙ୍କୁ ମଧ୍ୟ ଏ ଭାବନା ହେବା ଉଚିତ୍ ଯେ ଜାତୀୟ ଆମେଲା ଆମ ସେବା ପାଇଁ ନିର୍ମାଣ କରାଯାଇଛି ନା ଆମ ଉପରେ ଅଫସରି କରିବା ପାଇଁ ନିର୍ମାଣ ହୋଇଛି ।

ମୁଁ ପ୍ରଥମରୁ ଏହା ମଧ୍ୟ ସ୍ପଷ୍ଟ କରିଦେଇଛି ଯେ ନ୍ୟାସିନାଲ୍ ଆମେଲାର ସଭ୍ୟମାନେ, ସଦରଙ୍କ ଆମେଲାର ମେମ୍ବର୍‌ମାନେ ମଧ୍ୟ ଏହା ମନେରଖନ୍ତୁ ଯେ ଆପଣମାନେ ସର୍ଦ୍ଦାର ନୁହଁନ୍ତି । କୌଣସି ସରକାର ନୁହଁନ୍ତି ବରଂ ଆପଣମାନେ ସେବକ ଅଟନ୍ତି । ଏହି ମନୋଭାବ ନେଇ ଯଦି କାମ କରିବେ ତାହାଲେ କରନ୍ତୁ, ଯଦି ନୁହେଁ ତେବେ କ୍ଷମା ମାଗି ନିଅନ୍ତୁ । ନିଜ ଭିତରେ ବିନମ୍ରତା ସୃଷ୍ଟି କରନ୍ତୁ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କୁ ମଧ୍ୟ ଏହା କୁହାଯାଇଛି ଯେ ତେରି ଆଜିଯାନା ରାହେଁ ଉସେ ପସନ୍ଦ ଆଇଁ ଅର୍ଥାତ୍ ତୋ ବିନମ୍ରତାର ମାର୍ଗ ତାକୁ ବହୁତ ପସନ୍ଦ ଆସିଲା । ବିନମ୍ରତା ହେଉଛି ଅସଲ ଜିନିଷ ଯାହା ଆପଣମାନଙ୍କୁ ପ୍ରକୃତ ସ୍ଥାନ ଏବଂ ପଦବୀ ଦେଇଥାଏ ଏବଂ ଆପଣଙ୍କର ସମ୍ମାନ ପ୍ରତିଷ୍ଠା କରିଥାଏ । ଆପଣମାନଙ୍କର ପ୍ରକୃତ ସମ୍ମାନ ସେ ସମୟରେ ପ୍ରତିଷ୍ଠା ହେବ ଯେତେବେଳେ ବିନମ୍ରତା ଜନ୍ମ ନେବ । ଗର୍ବ ଏବଂ ଅହଂକାର ଦ୍ୱାରା ସମ୍ମାନ ପ୍ରତିଷ୍ଠା ହୋଇପାରେ ନାହିଁ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି–

*ବଦ୍‌ତର୍ ବନୋ ହର୍ ଏକ୍ ସେ*
*ଅପ୍‌ନେ ଖୟାଲ୍ ମେ*
*ଶାୟଦ୍ ଇସି ସେ ଦଖଲ୍ ହୋ*
*ଦାରୁଲ୍ ୱିସାଲ୍ ମେ*

ଆମେ ହେଉଛୁ ଗୋଟିଏ ଧର୍ମୀୟ ଯମାତ୍ । କୌଣସି ସାଂସାରିକ ଯମାତ୍ ନୁହେଁ । ତେଣୁ ଯଦି ଆମେ ଧର୍ମୀୟ ଯମାତ୍ ଅଟେ ତେବେ ଆମକୁ ତାହା କରିବାକୁ ହେବ ଯାହା ଅଲ୍ଲାହ୍ ଏବଂ ତାର ରସୁଲ୍ ସ:ଆ:ସ ଙ୍କର ନିର୍ଦ୍ଦେଶ ଅଛି ଏବଂ ଏ ଯୁଗରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ଆମଠାରୁ ଯେଉଁ ଆଶା ରଖିଛନ୍ତି ତାହା ପୁରଣ କରିବାକୁ ହେବ । ମୁଁ ୱହ୍‌ଦାଦାର୍ ମାନଙ୍କୁ ଖୁତ୍‌ବାତ୍ ରେ ମଧ୍ୟ ସମୟେ ସମୟେ ଧ୍ୟାନ ଆକର୍ଷଣ କରାଉଛି । ଏହା ଭାବନ୍ତୁ ନାହିଁ ଯେ ସେ କଥା କେବଳ ଅମୁକ ୱହ୍‌ଦାଦାର୍‌ଙ୍କ ପାଇଁ ବା ଅମୁକ ୱହ୍‌ଦାଦାର୍‌ଙ୍କ ପାଇଁ ବୋଲି । ଯଦି ପ୍ରତ୍ୟେକ ଏପରି ଭାବିବେ ଯେ ସେ କଥା ମୋ ପାଇଁ ଅଛି ତେବେ ପୁଣି ଆପେ ଆପେ ନିଜର ଇସ୍‌ଲାହ୍ ପ୍ରତି ଧ୍ୟାନ ଆକର୍ଷଣ ହେବ । ଆପଣମାନେ ଏହା କରି ଦେଖିନିଅନ୍ତୁ । ଏହା ଦ୍ୱାରା ଯମାତ୍‌ର ଲୋକମାନଙ୍କର ଆପଣଙ୍କର ସହିତ ସହଯୋଗ ବଢ଼ିଯିବ । ବହୁତ ଯୁବକ କହୁଛନ୍ତି ଯେ କିଛି ୱହ୍‌ଦାଦାର୍‌ମାନେ ବିଶେଷ କରି ବଡ଼ ବୟସର ବା ଅନ୍ୟମାନଙ୍କର ମଧ୍ୟ ବ୍ୟବହାର ଏପରି ଯେ ସେଥିଯୋଗୁଁ ଆମେ ପଛଘୁଂଚା

ଦେଉଛୁ । ସମସ୍ୟା ଗୁଡିକୁ ପ୍ରେମ ଓ ସୌହାର୍ଦ୍ଦ୍ୟର ସହିତ ସମାଧାନ କରିବା ଆପଣମାନଙ୍କର ହେଉଛି କାମ । ସମସ୍ୟା ଗୁଡିକୁ ବଳ ପ୍ରୟୋଗ ଦ୍ୱାରା ଓ ରୋବ୍ ଦ୍ୱାରା ସମାଧାନ କରିବା ଆମ କାମ ନୁହେଁ । ଯେବେ ଅଲ୍ଲାଃତାଲା ଆଁ ହଜ୍ରତ୍ ସ:ଆ:ସ ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ ନରମ ଏବଂ ପ୍ରେମ ପୁର୍ଣ୍ଣ କଥା କୁହନ୍ତୁ ଏବଂ ସେମାନଙ୍କ ଠାରୁ ମସୁରା ନିଅନ୍ତୁ ବୋଲି । ତେବେ ପୁଣି ମୁଁ ଆଉ ଆପଣ ହେଉଛନ୍ତି କିଏ, ଯିଏ ରୋବ୍ ପକାଇବ ? ସବୁ କାମ କରିବାକୁ ହେବ କିନ୍ତୁ ପ୍ରେମ ଓ ସୌହାର୍ଦ୍ଦ୍ୟର ସହିତ । ହଁ ଯଦି ଆପଣ ଦେଖୁଛନ୍ତି ଯେ ଯମାତ୍ର କୌଣସି କ୍ଷତି ହେଉଛି ବା କ୍ଷତି ହେବାର ଆଶଙ୍କା ଅଛି ତେବେ ଆପଣ ରିପୋର୍ଟ କରନ୍ତୁ । ତା ପରେ ଏହା ମର୍କଜ୍ ବା ଖଲିଫା ୱକ୍ତ୍ ଙ୍କ କାମ ଯେ ସେ ସେହି ସମସ୍ୟାଗୁଡିକୁ ଯେପରି ଚାହିଁବେ ଡିଲ୍ କରିବେ ବା ଟ୍ୟାକେଲ୍ କରିବେ । ଆପଣମାନଙ୍କର କାର୍ଯ୍ୟ ପୁଣି ଏଠି ଶେଷ ହୋଇଯାଉଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ନ୍ୟାସିନାଲ୍ ଆମେଲାର ସଭ୍ୟମାନେ ଏହା ମଧ୍ୟ ଧ୍ୟାନ ରଖନ୍ତୁ ଯେ ବେଳେବେଳେ ମୁଁ ଯେତେବେଳେ ମାମଲା ଗୁଡିକର ତହ୍କିକ୍ କରାଉଛି ତେବେ ଆମେଲାର ଓ୍ୱହ୍ଦାଦାର୍ ମାନେ ଏକଥା କହୁଛନ୍ତି ଯେ ମୁଁ ଲୋକଙ୍କ କଥାରେ ଆସିଯାଉଛି ଏବଂ ତାଙ୍କ କଥାକୁ ଶୁଣୁଛି ବୋଲି । ଯଦି ମୁଁ ଲୋକମାନଙ୍କର କଥାରେ ଆସି ଯାଉଛି ଏବଂ ତାଙ୍କ କଥାକୁ ଶୁଣୁଛି ତେବେ ଏହା କୌଣସି ପାପ ତ ନୁହେଁ ବରଂ ଜାଏଜ୍ ଅଟେ । ପ୍ରଥମ କଥା ତ ଏହା ହେଉଛି ଯେତେବେଳେ ଗୋଟିଏ କଥାକୁ ବିଭିନ୍ନ ଲୋକମାନଙ୍କଠାରୁ ସ୍ପଷ୍ଟ ହୁଏ ତେବେ ସେଥିରେ କୌଣସି ବାସ୍ତବିକତା ଥାଏ । ଏହା ହୋଇନପାରେ ଯେ କେବଳ ଆପଣମାନେ ହିଁ ଠିକ୍ ଅଛନ୍ତି ଏବଂ ବାକି ସବୁ ଦୁନିଆ ଭୁଲ୍ । ଅଲ୍ଲାଃତାଲା ତ ଆଁ ହଜ୍ରତ୍ ସ:ଆ:ସ ଙ୍କୁ ସୁରା ତୌବା ରେ କହିଛନ୍ତି ଯେ ଲୋକମାନେ ଆଁ ହଜ୍ରତ୍ ସ:ଆ:ସ ଙ୍କ ବିଷୟରେ ମଧ୍ୟ କହୁଛନ୍ତି କି 'ୟେ କାନ୍ ରଖ୍ତା ହୈ' ଅର୍ଥାତ୍ ଲୋକମାନଙ୍କର କଥାକୁ ଶୁଣୁଛି । ତେବେ ମୁଁ ଲୋକମାନଙ୍କର କଥା ଶୁଣୁଛି ତେବେ ଏହା ତ ଅଲ୍ଲାଃତାଲାଙ୍କର ଫଜଲ୍ ଅଟେ ଯେ ମୁଁ ଆଁ ହଜ୍ରତ୍ ସ:ଆ:ସ ଙ୍କ ସୁନ୍ନତ୍ ଉପରେ ଅମଳ କରୁଅଛି । କିନ୍ତୁ ମୁଁ କାହାକୁ କ୍ଷତି ପହଂଚାଇବା ପାଇଁ ଏପରି କରୁନାହିଁ ବରଂ ଯମାତ୍ର ଲାଭ ନିମନ୍ତେ ଏପରି କରୁଛି । ଅଲ୍ଲାଃତାଲା ମଧ୍ୟ ସେଠି କହିଛନ୍ତି ଯେ ତୁମେ ଲୋକମାନଙ୍କୁ କହିଦିଅ କି ଯଦି ତୁମେ ତାଙ୍କ କଥା ଶୁଣୁଛ ତେବେ କାହାକୁ କ୍ଷତି ପହଂଚାଇବା ପାଇଁ ନୁହେଁ ବା କୌଣସି ଶତୃତା ପାଇଁ ନୁହେଁ ବରଂ ଯମାତ୍ର ଲାଭ ପାଇଁ ଅଟେ । ନାଁ ତ ମୋତେ କୌଣସି ଲୋକଙ୍କ ସହିତ ଶତୃତା ଅଛି । ଯଦି ମୁଁ କିଛି ଚାହୁଁଛି ତାହା କେବଳ ଯମାତ୍ର ଏବଂ ଆପଣ ମାନଙ୍କର ଇସ୍ଲାହା ଚାହୁଁଛି । କେବଳ ଏତିକି ନୁହେଁ ବରଂ ଯେତେବେଳେ ମୁଁ ଏହା କହୁଛି ସେତେବେଳେ ମୁଁ ନିଜେ ମଧ୍ୟ ବହୁତ ଇସ୍ତଗଫାର୍ କରୁଛି । ତେଣୁ ଯଦି କେହି ମୋ ସମ୍ବନ୍ଧରେ ଏହା କହୁଛି ଯେ ମୁଁ ଶୁଣୁଛି ବୋଲି ତେବେ ଏହା ମୋ ପାଇଁ ବହୁତ ଭଲ କଥା, ମୁଁ ସୁନ୍ନତ ଉପରେ ଅମଳ କରୁଛି ଏବଂ ଅଲ୍ଲାଃତାଲା ଏ କଥାର ପ୍ରଶଂସା କରିଛନ୍ତି । କିନ୍ତୁ ଆପଣମାନଙ୍କ ପାଇଁ ଏହା ବିପଦପୁର୍ଣ୍ଣ ଯେ ବା ସେମାନଙ୍କ ପାଇଁ ମଧ୍ୟ ବିପଦପୁର୍ଣ୍ଣ ଅଟେ ଯିଏ ଏହିପରି ମନୋଭାବ ରଖୁଛନ୍ତି । କାରଣ ଏହା ମୋନାଫିକ୍ ମାନଙ୍କ ନିମନ୍ତେ କୁହାଯାଇଛି । ମୋନାଫିକ୍ମାନେ ଏହିପରି କଥା କହିଥାନ୍ତି । ଯଦି ଆପଣମାନେ ସଠିକ୍ ରୁପେ ବୟତ୍ର ହକ୍କୁ ପ୍ରଦାନ କରିବାକୁ ଚାହୁଁଛନ୍ତି ତେବେ ଏହିପରି ଭାବନାକୁ ନିଜ ମନରୁ ବାହାର କରି ଫିଙ୍ଗି ଦିଅନ୍ତୁ । ମୋତେ ଏଠି କାହାର ନାମ ନେବା ଆବଶ୍ୟକ ନାହିଁ ଏବଂ ନା ମୁଁ ନାମ ନେବି । କିନ୍ତୁ ଯିଏ ବି ଏକଥା କହିଛି ତାକୁ ଭାବିବାକୁ ହେବ । ଯଦି ଲୋକମାନେ ଓ୍ୱହ୍ଦାଦାରଙ୍କ ବିଷୟରେ କିଛି କଥା ଲେଖୁଛନ୍ତି, କିଛି ଲୋକ ଭୁଲ୍ ମଧ୍ୟ ଲେଖୁଛନ୍ତି ସେମାନଙ୍କ ବିଷୟରେ ମୁଁ ତହ୍କିକ୍ (ଅନୁସନ୍ଧାନ) କରାଉଛି । ଯଦି କୌଣସି ମର୍କଜି ଓ୍ୱହ୍ଦାଦାର୍ମାନଙ୍କ ସମ୍ବନ୍ଧରେ କୌଣସି ଅଭିଯୋଗ ଆସୁଛି ଏବଂ ମୁଁ ତାର ତହ୍କିକ୍ କରାଉଛି ତେବେ ଆପଣମାନଙ୍କର ଏହା କାମ ନୁହେଁ ଯେ ଆପଣ ଏହା ପଛରେ ପଡ଼ିଯାଆନ୍ତୁ କି କିଏ କହିଥିଲା ଓ କିଏ ଆପତି କରିଥିଲା, କାହିଁକି କରିଥିଲା ଇତ୍ୟାଦି । ଆପଣମାନଙ୍କର କାମ ହେଉଛି ଇସ୍ଲାହ କରିବା ନଚେତ୍ ସେମାନଙ୍କ ମଧ୍ୟରେ ଗଣା ହେବେ ଯାହାଙ୍କ ଉଦ୍ଦେଶ୍ୟରେ ଏହି ଆୟତ୍ ଅବତୀର୍ଣ୍ଣ ହୋଇଛି । ମୋ ପାଇଁ ତ ଏହା ଏକ ସମ୍ମାନର ବିଷୟ ଅଟେ ଯେ ମୁଁ ଅଲ୍ଲାଃଙ୍କ ସେହି ନିର୍ଦ୍ଦେଶାନୁସାରେ ପରିଚାଳିତ ହେଉଅଛି ଯାହାଙ୍କୁ ଅଲ୍ଲାଃତାଲା ଆଁ ହଜ୍ରତ୍ ସ:ଆ:ସ ଙ୍କୁ ଦେଇଛନ୍ତି ଓ ସେହି ନିର୍ଦ୍ଦେଶ ଉପରେ ଚାଲିବା ହେଉଛି ସୁନ୍ନତ୍ । କିନ୍ତୁ ଆପଣମାନଙ୍କ ପାଇଁ ଏହା ହେଉଛି ବିପଦପୂର୍ଣ୍ଣ । କାରଣ ଏଠାରେ ମୁନାଫିକିନ୍ଙ୍କର ଚର୍ଚ୍ଚା ହେଉଅଛି । ସେଥିରୁ ବଂଚିବା ପାଇଁ ଚେଷ୍ଟା କରନ୍ତୁ । ନହେଲେ କ୍ଷତି ପହଂଚିବ । ଅଲ୍ଲାଃତାଲା ଯମାତ୍ ର ଉନ୍ନତି ଚାହୁଁଛି ଏବଂ ଇନ୍ଶା ଆଲା ତାଲା ଉନ୍ନତି ନିଶ୍ଚିତ ରୂପେ ହେବ ଏବଂ ଯମାତ୍ ବଢ଼ିଚାଲିବ । କିନ୍ତୁ ଯଦି ଆପଣମାନେ ନିଜର ଇସ୍ଲାହ୍ ନ କରିବେ ତେବେ ଆପଣଙ୍କ ସ୍ଥାନରେ ଅନ୍ୟଲୋକମାନେ ଆସିଯିବେ । ତେଣୁ ଏକଥାକୁ ଛାଡ଼ନ୍ତୁ ଯେ କିଏ କଣ ଲେଖିଥିଲା ଓ କାହିଁକି ଲେଖିଥିଲା । ଯଦି କେଉଁଠାରେ ତୃଟି ରହିଛି ତେବେ ତାକୁ ସୁଧାରିବା ଦରକାର । ଯଦି ଭୁଲ୍ ନାହିଁ ତେବେ ତାର ସ୍ୱଷ୍ଟିକରଣ ହେବା ଉଚିତ୍ । ମୋ ପାଖକୁ ଦଶ ଦଶଟା ଯାଗାରୁ କେତେ କଥା ଆସୁଛି । ତେବେ ଯାଇ ମୁଁ ଆପଣମାନଙ୍କୁ ପଚାରୁଛି । ଗୋଟିଏ ଯୋଡ଼ିଏ ଆପତିରେ ମଧ୍ୟ ମୁଁ ପଚାରେ ନାହିଁ ଏବଂ ଅନାମୀ ଆପତିରେ ମଧ୍ୟ ମୁଁ ପଚାରେ ନାହିଁ । ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ପୁଣି ଏ ସୀମା ଅତିକ୍ରମ କରିଯିବା ଯେ ଲୋକମାନଙ୍କ ମଧ୍ୟରେ ଏ ଭାବନା ସୃଷ୍ଟି ହୋଇଯାଉଛି ଯେ ଓ୍ୱହ୍ଦାଦାର୍ ତ ଏହା କହୁଛନ୍ତି କି ଖଲିଫା ୱକ୍ତ ଲୋକମାନଙ୍କର କଥାରେ ଆସିଯାଉଛନ୍ତି । ମୁଁ ଲୋକମାନଙ୍କର କଥାରେ ଆସେ ବା ନଆସେ କିନ୍ତୁ ଆପଣମାନଙ୍କର ଏ କାର୍ଯ୍ୟ ହେଉଛି ଯେ ଯଦି ଆପଣମାନେ ବୟତ୍ର ହକ୍ ପ୍ରଦାନ କରିବାକୁ ଚାହୁଁଛନ୍ତି ତେବେ ସମ୍ପୂର୍ଣ୍ଣ ରୂପେ ଇତାଅତ୍ର ନମୁନା ଦେଖାନ୍ତୁ ।

**ସୱାଲୋ ଜୱାବାତ୍**

**(ପ୍ରଶ୍ନ ଉତର କାର୍ଯ୍ୟକ୍ରମ)**

ଏହାପରେ ସେଠାରେ ଉପସ୍ଥିତ ଥିବା କିଛି ସଦର୍ମାନେ ହଜୁର୍ ଅନୁଓ୍ୱର୍ଙ୍କୁ କିଛି ପ୍ରଶ୍ନ ପଚାରିବା ପାଇଁ ଅନୁମତି ମାଗିଲେ । ହଜୁର୍ ଅନୁଓ୍ୱର୍ ସେମାନଙ୍କୁ ଦୟା ପୂର୍ବକ ଅନୁମତି ପ୍ରଦାନ କଲେ ।

ସର୍ବପ୍ରଥମେ ୱିଜ୍ ବାଦନ୍ ଯମାତ୍ର ସଦର୍ କହିଲେ ଯେ ହଜୁର୍ ଅ:ବ:ଅ ୨୦୧୪ ମସିହାରେ ଆମ ମସ୍ଜିଦ୍ର ମୁଳଦୁଆ ରଖିଥିଲେ । ସେଠାରେ ସାଢ଼େ ସାତ ଲକ୍ଷ୍ୟ ୟୁରୋ ଦେଇ ପ୍ଲଟ୍ କିଣାଯାଇଥିଲା । ସେଥିରୁ ଛଅ ଲକ୍ଷ୍ୟ ୟୁରୋ ସ୍ଥାନୀୟ ଯମାତ୍ ଦେଇଥିଲେ । ଏହିପରି ନିର୍ମାଣ ବିଷୟରେ ଯେଉଁ ଦୁଇଲକ୍ଷ୍ୟର ଚାନ୍ଦା ଲୋକମାନେ ପ୍ରତିଶ୍ରୁତି ଦେଇଥିଲେ ତାହା ମଧ୍ୟ ଉସୁଲି ହୋଇସାରିଛି । ବହୁତ ଲମ୍ବା ସମୟ ଅପେକ୍ଷା ପରେ କାଲି କଂଟ୍ରାକ୍ଟରଙ୍କ ସହିତ ଜାଏଦାଦ୍ ବିଭାଗର ମିଟିଂ ରଖାଯାଇଛି । ହଜୁର୍ ଅନୁଓ୍ୱର୍ ଅ:ବ:ଅ ତାଜା ନିର୍ଦ୍ଦେଶ ଦେଇଛନ୍ତି ଯେ ଏହିପରି ସମସ୍ତ ମଞ୍ଜୁରି ପାଇଁ ମର୍କଜ୍ କୁ ଯିବା ଉଚିତ୍ । ଏହା ଶୁଣି ହଜୁର୍ ଅନୁଓ୍ୱର୍ ଅ:ବ:ଅ ସେକ୍ରେଟାରୀ ଜାଏଦାଦ୍କୁ କହିଲେ ଯଦି କାଲି କଂଟ୍ରାକ୍ଟର୍ ଆସୁଛନ୍ତି ଏବଂ ସମସ୍ତ କଥା ଶେଷ ହୋଇଯାଇଛି ତେବେ ତ ଠିକ୍ ଅଛି । ଏହାର ସମସ୍ତ ଅନୁଧାନ କରିବା ପରେ ଫାଇନାଲ୍ କରିଦିଅନ୍ତୁ ଏବଂ ଯେଉଁ ସ୍ଥାନରେ କଂଟ୍ରାକ୍ଟ ଇତ୍ୟାଦି ସରିଯାଇଛି ଏବଂ ପ୍ରୋଜେକ୍ଟ ଚାଲୁ ରହିଛି ତାହା ତ ସେହିପରି ଜାରି ଅଛି । କିନ୍ତୁ ବାକି ସ୍ଥାନ ଗୁଡିକରେ ଯେଉଁଠି କଂଟ୍ରାକ୍ଟ ଇତ୍ୟାଦି ଏବେ କରିବାକୁ ହେବ ଏବଂ କୌଣସି ଦସ୍ତଖତ ଇତ୍ୟାଦି ହୋଇନାହିଁ ଏବଂ ଆଡ୍ଭାନ୍ସ ଷ୍ଟେଜ୍ ପର୍ଯ୍ୟନ୍ତ ଯାଇନାହାଁନ୍ତି ତେବେ ସେହି ସମସ୍ତ ପ୍ଲାନ୍ ଗୁଡିକୁ ମୋତେ ଦେଖାଇବାକୁ ହେବ । କିନ୍ତୁ ଯାହା କିଛି ବର୍ତମାନ ନିର୍ମାଣଧିନ ଅଛି ବା ସେମାନଙ୍କ ମସ୍ଜିଦ୍ର ଯାହା କିଛି କଂଟାକ୍ଟ ମଧ୍ୟ ଅଛି ତାର ସମସ୍ତ ତଫସିଲ୍ ମଧ୍ୟ ମୋତେ ବତାଇବାକୁ ପଡ଼ିବ ।

ଏହାପରେ ଜଣେ ବନ୍ଧୁ କହିଲେ ଯେ ମୋତେ ରବ୍ବୁଆ ରେ ଗୃହ ନିର୍ମାଣର କାର୍ଯ୍ୟ କରିବାର ଅବସର ମିଳିଛି । ଯଦି ମୋତେ ଏଠି ଏମାନଙ୍କ ସହିତ ସେବା କରିବାର ଅବସର ମିଳିଯାଏ ତେବେ ଯଦି ଏମାନେ ଚାହାଁନ୍ତି ମୁଁ ୩-୫ ପ୍ରତିଶତ ଲୋ କଷ୍ଟ୍ କରାଇବାରେ ସାହାଯ୍ୟ କରିପାରିବି । ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଆପଣ ତାଙ୍କୁ ମଶୁରା ଦେଇଦିଅନ୍ତୁ । ଏହାପରେ ତାଙ୍କ କାମ ହେଉଛି ସେମାନେ ଆପଣଙ୍କୁ ସାମିଲ୍ କରିବାକୁ ବା କେବଳ ଆଡ୍ଭାଇଜର୍ ରୂପେ ଆପଣଙ୍କ ନିକଟରୁ ମଶୁରା ନେବାକୁ ଚାହୁଁଛନ୍ତି । ଆପଣଙ୍କ ମନରେ ଯାହା କିଛି ପ୍ଲାନ୍ ଅଛି ତାହା ସବୁ ଏମାନଙ୍କୁ ଦେଇ ଦିଅନ୍ତୁ । ସେଠି ଛିଡ଼ା ହୋଇ ମସ୍ଜିଦ୍ କୁ କେବଳ ଫୁଙ୍କି ଦେବା ଦ୍ୱାରା ତିନି ଚାରି ପର୍ସେଂଟ୍ କମ୍ ହୋଇଯିବ ନାହିଁ । ସେଥିପାଇଁ ଆପଣଙ୍କ ନିକଟରେ ଯାହା କିଛି ପ୍ଲାନ୍ ଅଛି ତାହା ସେମାନଙ୍କୁ ଦେଇଦିଅନ୍ତୁ । ଯଦି ଏହା ଉପଯୋଗୀ ହେବ ତେବେ ଦେଖିବା ଏବଂ ଯଦି ଆଗକୁ ଅଧିକ ଇନ୍ଫର୍ମେସନ୍ର ଆବଶ୍ୟକ ହେ ତେବେ ତାହା ମଧ୍ୟ ନେବା । ହଜୁର୍ ଅନୁଓ୍ୱର୍ ଅ:ବ:ଅ ସେକ୍ରେଟାରୀ ଜାଏଦାଦ୍ ଙ୍କୁ କହିଲେ ଆପଣ ମଧ୍ୟ ଏପରି ଲୋକଙ୍କୁ ଖୋଜନ୍ତୁ ଯାହାଙ୍କ ପାଖରେ କୌଣସି ଟେକ୍ନିକାଲ୍ ସ୍କିଲ୍ ଥିବ । ଏବଂ ଯଦି କିଏ ମଶୁରା ଦେଉଛି ତାକୁ ଗ୍ରହଣ କରନ୍ତୁ । ମଶୁରାର ଅଭ୍ୟାସ କରନ୍ତୁ, ମଶୁରା ନେବାର ଅଭ୍ୟାସ ବହୁତ କମ୍ ଅଛି ।

ଏହାପରେ ଷ୍ଟେନ୍‌ବର୍ଗ ଯମାତ୍‌ର ସଦର କହିଲେ ଯେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଇଷ୍ଟ ଜର୍ମାନୀରେ ଏର୍‌ଫର୍ଟ ଠାରେ ନିର୍ମାଣ ହେବାକୁ ଥିବା ମସ୍‌ଜିଦ୍ ବିଷୟରେ ଯେଉଁ ନିର୍ଦ୍ଦେଶ ଦେଇଛନ୍ତି ସେଥିପାଇଁ ଆମେ ବହୁତ କଷ୍ଟ କରିଛୁ ଏବଂ ପୁରା ଦୁନିଆରେ ଏହାର ପ୍ରଚାର ହୋଇଛି । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ମୋତେ ଏଥିରେ କୌଣସି ରୁଚି ନାହିଁ କେତେ ପ୍ରଚାର ହୋଇଛି । ସେଠି ଚାରିଜଣ ଲୋକ ଅଛନ୍ତି । ତେଣୁ ବାକି ବଡ଼ ବଡ଼ ଯମାତ୍‌କୁ ଛାଡ଼ି ସେଠାରେ ଏବେ ମସ୍‌ଜିଦ୍ ନିର୍ମାଣ କରାଇବାର କୌଣସି ଆବଶ୍ୟକ ନାହିଁ । ଯେବେ ସେଠାରେ ନିର୍ମାଣ କରାଯିବ ଆପଣଙ୍କୁ ମଞ୍ଜୁରି ମିଳିଯିବ ।

ଏହାପରେ ଅସ୍‌ବର୍ଗ ଯମାତ୍‌ର ସଦର୍ ସାହେବ୍ କହିଲେ ଯେ ଆମ ଯମାତ୍‌ରେ ମସ୍‌ଜିଦ୍‌ର ଉଦ୍‌ଘାଟନ ହଜୁର୍ ଅନୁଓ୍ୱର୍ ଅ:ବ:ଅ କରିସାରିଛନ୍ତି । ଏବେ ସେଠାକୁ ମୋବୋଲିଗ୍ ପଠାଇବା ପାଇଁ ଦରଖାସ୍ତ କରିବାର ଥିଲା । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଆପଣଙ୍କୁ ମୋବୋଲିଗ୍ ମଧ୍ୟ ମିଳିଯିବେ । ପୁଣି କହିଲେ ଯେ ଆପଣ ନିଜ ଯମାତ୍‌ରୁ ମଧ୍ୟ ଯାମିଆ ଅହେମଦୀୟାରେ ପଢ଼ିବା ପାଇଁ ଷ୍ଟୁଡେଂଟ୍ ପଠାନ୍ତୁ । ପ୍ରଥମେ ତ ସେହି ଯମାତ୍ ଗୁଡ଼ିକୁ ମୋବୋଲିଗ୍ ମିଳିବେ ଯେଉଁମାନେ ନିଜ ଯମାତ୍‌ରୁ ଶିକ୍ଷାର୍ଥୀମାନଙ୍କୁ ପ୍ରସ୍ତୁତ କରି ଯାମିଆକୁ ପଠାଇଛନ୍ତି ।

ଗୋଟିଏ ଯମାତ୍‌ର ସଦର୍ ସାହେବ୍ କହିଲେ ଯେ ଯେଉଁ ଯାଗାରେ ମସ୍‌ଜିଦ୍ ତିଆରି କରାଯାଉଛି ସେଠି ତା ସହିତ ମୁରବୀ ହାଉସ୍ ମଧ୍ୟ ନିର୍ମାଣ ହେଉ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଠିକ୍ ଅଛି ଯଦି ସେତେ ବଜେଟ୍ ଅଛି ତେବେ ପୁଣି ମୁରବୀ ହାଉସ୍ ମଧ୍ୟ ତିଆରି କରାଯାଇପାରିବ ନଚେତ୍ ଭଡାରେ କୌଣସି ଘର ନେଇନିଅ । ବହୁତ ସ୍ଥାନରେ ଗୋଟିଏ କୋଠରି ତିଆରି ହୋଇପାରିବ । ସେଠାରେ ଛୋଟ ଫ୍ୟାମିଲି ଥିବା ମୋବୋଲିଗ୍ ମାନଙ୍କୁ ଯେଉଁମାନେ କେବଳ ସ୍ୱାମୀ ସ୍ତ୍ରୀ ଥିବେ ତାଙ୍କୁ ପଠାଯାଇପାରିବ ।

ଗୋଟିଏ ଯମାତ୍‌ର ସଦର ସାହେବ୍ ପଚାରିଲେ ଆମ ଯମାତ୍‌ର ଆମେଲା ମାନଙ୍କ ମଧ୍ୟରୁ କିଛି ଖୁଦାମ୍ ମେମ୍ବର୍‌ମାନେ ବହୁତ ଭଲ କାମ କରୁଛନ୍ତ । କିନ୍ତୁ ତାଙ୍କ ପାଖରେ ଜେଲି ତନ୍‌ଜିମ୍‌ର ମଧ୍ୟ ଦାୟିତ୍ୱ ଅଛି । ସେଥିଯୋଗୁଁ ସଦର ଯମାତ୍‌କୁ ବେଳେବେଳେ ବହୁତ ମୁସ୍କିଲ ହେଉଛି । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ସର୍ବପ୍ରଥମେ ତ ଯମାତ୍‌ର କାମ ହୁଏ । ଯମାତ୍‌ର କାମ ପ୍ରଥମ ଅଗ୍ରାଧିକାର ଦିଆଯାଏ । ଏହାପରେ ଯେଉଁ ସମୟ ବଂଚିବ ସେଥିରେ ସେମାନେ ଖୁଦାମ୍‌ର କାମ ନିଶ୍ଚିତ ରୂପେ କରନ୍ତୁ । ଆପଣ ସଦର ଖୁଦାମୁଲ୍ ଅହେମଦୀୟାକୁ ଲେଖିପାରିବେ ଯେ ଯଦି କୌଣସି ବିଶେଷ ମଜ୍‌ବୁରୀ ନାହିଁ ତେବେ ଆପଣ ତାଙ୍କ ସ୍ଥାନରେ ଆଉ କାହାକୁ ଏ ଦାୟିତ୍ୱ ଦେଇ ଦିଅନ୍ତୁ । ଏବଂ ଆପଣ ଏହା ମଧ୍ୟ ଲେଖିପାରିବେ ଯେ ହି ଲୋକମାନଙ୍କ ଠାରୁ ଆମକୁ କାମ ନେବାକୁ ପଡୁଛି ଏବଂ ଏମାନେ ଆମ କାମରେ ପ୍ରଥମରୁ ବେସ୍ତ ଅଛନ୍ତି ବା ସେମାନଙ୍କ ପାକରେ ଅମୁକ ଯମାତି ଓ୍ୱହଦା ଅଛି । ସେଥିପାଇଁ ତାଙ୍କ ଠାରୁ ଅନ୍ୟକିଛି କାମ ନ ନିଆଯାଉ । ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କାମ କରୁଥିବା ଲୋକେ ବହୁତ କମ୍ ଥାଆନ୍ତି ଏବଂ କାମ ଅଧିକ ଥାଏ । ସେଥିଯୋଗୁଁ ଏହାକୁ ଆମେ ନିଜେ ହିଁ adjust କରିବା । ଆମେ ମଧ୍ୟ ତିନି ତିନି ଯାଗାରେ କାମ କରିଛୁ । ଯମାତି କାମ ବ୍ୟତୀତ ଖୁଦାମୁଲ୍ ଅହେମଦୀୟା ଏବଂ ଅନ୍ୟ ତନ୍‌ଜିମ୍‌ର କାମ ମଧ୍ୟ କରୁଥିଲୁ । ଏହାତ ସାହାସର କଥା । କିନ୍ତୁ ଏଠାରେ ଯଦିଚ ନିଜ କାମ ମଧ୍ୟ କରିବାକୁ ହୁଏ ବେଳେବେଳେ ଚାକିରୀ ରୁ ଡେରିରେ ଆସିବାକୁ ପଡ଼େ । ପୁଣି ଥକି ଯାଇଥାଉ । ଏବଂ ବେଳେବେଳେ କାମ କରିପାରିନଥାଉ । ତେଣୁ କୌଣସି ବିଶେଷ ଲୋକ ଦ୍ୱାରା କାମ ନେବାକୁ ହେଲେ ତାଙ୍କ ପାଇଁ ଖୁଦାମୁଲ୍ ଅହେମଦୀୟାକୁ ଲେଖାଯାଇପାରିବ । କିନ୍ତୁ ସାଧାରଣତଃ ଯେପରି ହେଲେ ବି କୌଣସି ନା କୌଣସି ପ୍ରକାରେ ମିଳିମିଶି adjust କରିବାକୁ ପଡ଼େ । ଏହାପରେ ନିଉବିଡ୍ ଯମାତ୍‌ର ସଦର୍ ସାହେବ୍ କହିଲେ ଯେ ଆମ ପାଖରେ ଅଲ୍ଲାହ୍‌ଙ୍କ ଫଜଲ୍‌ରୁ ମସ୍‌ଜିଦ୍ ଅଛି । ଆମ୍ଭେ ମୁରବୀ ହାଉସ୍ ନିମନ୍ତେ ଦରଖାସ୍ତ ଦେଇଅଛୁ । ଏବଂ ଆମେ ଓ୍ୱାଦା କରିଛୁ ଯେ ମୁରବୀ ହାଉସ୍ ନିମନ୍ତେ ଯେତେ ଆବଶ୍ୟକତା ତାହା ସବୁ ଆମେ ପୁରଣ କରିବୁ । ମସ୍‌ଜିଦ୍ ସହିତ ମୁରବୀ ହାଉସ୍ ତିଆରି କରିବା ପାଇଁ ଯାଗା ମଧ୍ୟ ଅଛି । ଏହିପରି ଅଲ୍ଲାହ୍‌ଙ୍କ ଫଜଲ୍‌ରୁ ଆମ ଯମାତ୍‌ରୁ ଦୁଇଜଣ ପିଲା ଯାମିଆ ଅହେମଦୀୟାକୁ ମଧ୍ୟ ଯାଇଛନ୍ତି ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେ ଯଦି ଆପଣମାନେ ନିଜେ ହିଁ ଏହା କରିବେ ଏବଂ ଆପଣଙ୍କ ପାଖରେ ସାମର୍ଥ୍ୟ ଅଛି ତେବେ ବନାନ୍ତୁ । ଆପଣଙ୍କୁ କିଏ ରୋକିଛି । ଆପଣଙ୍କ ପାଖରେ ଯାଗା ଅଛି, ଟଙ୍କା ମଧ୍ୟ ଅଛି । ତା ହେଲେ ସେକ୍ରେଟାରୀ ଜାଏଦାଦ୍‌କୁ ଲେଖିଦିଅ ଯେ ଆମେ ମୁରବୀ ହାଉସ୍ ବନାଇବାକୁ ଚାହୁଁଛୁ । ତା ପରେ ବନାନ୍ତୁ ।

ଗୋଟିଏ ଯମାତ୍‌ର ସଦର୍ ସାହେବ୍ କହିଲେ ଯେ ମସ୍‌ଜିଦ୍ ତିଆରି ହେବା ପରେ ମସ୍‌ଜିଦ୍‌ରେ ବହୁତ ପ୍ରୋଗ୍ରାମ୍ ହେଉଛି । ଏବଂ ଜର୍ମନ୍‌ମାନେ (ଜର୍ମାନୀ ଲୋକମାନେ) ମଧ୍ୟ ସାମିଲ୍ ହେଉଛନ୍ତି । କିନ୍ତୁ ଆମ ପାଖରେ ଆତିଥ୍ୟତା ପାଇଁ କୌଣସି ଯାଗା ନାହିଁ । ଯଦ୍ୱାରା ସଭ୍ୟ ଓ ଭଦ୍ରତା ଭାବେ ଭୋଜନ ଦିଆଯାଇପାରିବ । ମୁଁ ଏ ପ୍ରସ୍ତାବ ଦେଇଥିଲି ଯେ ଗୋଟିଏ କାଠର ସେଡ୍ ତିଆରି କରାଯାଉ କିନ୍ତୁ ମୋତେ କୌଣସି ଉତର ମିଳିଲା ନାହିଁ । ଏ କଥାରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ମକାମି ଯମାତ୍ ଭଦ୍ରାମିର ସହିତ ଭୋଜନ କରାଉଥିବେ । ବର୍ତମାନ ଯେଉଁ ଜିନିଷ ମହଜୁଦ୍ ଅଛି ସେଥିରୁ ଲାଭ ଉଠାନ୍ତୁ । ଅସୁବିଧା ତ ଅଛି । ଯଦି ଆମ ପାଖରେ ସାଧନ ଥାଆନ୍ତା ତେବେ ସବୁ ଜିନିଷ ଏକାଥରକେ ତିଆରି କରିଦିଅନ୍ତେ କିନ୍ତୁ ଯେତିକି ପଇସା ଅଛି ତା ମୁତାବକ ଭାଗ ମିଳିଚାଲିଛି । ପ୍ରତ୍ୟେକ ସପ୍ତାହରେ ତ ଅନ୍ୟମାନଙ୍କ ସହିତ କୌଣସି ପ୍ରୋଗ୍ରାମ୍ ହେଉନାହିଁ । ଯେତେବେଳେ ହେଉଛି ସେତେବେଳେ ଟେଂଟ୍ ଲଗାଇ ଦିଅନ୍ତୁ । ଯଦି କୌଣସି ବଡ଼ ବିବସତା ହେବ ଏବଂ ଅତିଥିମାନେ ଆସିଯିବେ ତେବେ ମସ୍‌ଜିଦ୍‌ରେ ହିଁ ତଳେ ପ୍ଲାଷ୍ଟିକ୍ ବିଛାଇ ସେଠାରେ ବ୍ୟବସ୍ଥା କରାଯାଇପାରିବ । ମୁଁ ୟୁ.କେ ରେ ଏହି କଥାକୁ ରୋକିଥିଲି କିନ୍ତୁ ବର୍ଷକ ଭିତରେ ଯଦି ଥରେ ଦୁଇଥର ଏପରି ବିବସତା ଆସିଯାଏ ତେବେ ମସ୍‌ଜିଦ୍‌ର ପ୍ଲାଷ୍ଟିକ୍ ବିଛାଇ ସେଠାରେ ଚା ଇତ୍ୟାଦି ଦିଆଯାଇପାରିବ । କିନ୍ତୁ ପରେ ଭଲ ରୂପେ ସଫାଇର ବ୍ୟବସ୍ଥା କରିନେବେ । ଭୋଜନରେ ମସଲା ଇତ୍ୟାଦିର ବାସ୍ନା ହୋଇଥାଏ । ସେଥିଯୋଗୁ ସେ ସବୁକୁ ମସ୍‌ଜିଦ୍‌ରେ ଆଣିବା ଉଚିତ୍ ନୁହେଁ । ଯଦି ଚା ଏବଂ ସ୍ନାକସ୍ ଇତ୍ୟାଦି ଦେଉଅଛ, ତେବେ ତାହା ଠିକ୍ ଅଛି । ସମସ୍ୟା ତ ଅଛି କିନ୍ତୁ ଆମ ପାଖରେ ଯେଉଁ ସାଧନ ଅଛି ତା ଭିତରେ ରହି ସେହି ସମସ୍ୟା ଗୁଡ଼ିକ ସମାଧାନ କରିବାକୁ ହେବ । ବର୍ଷକ ଭିତରେ ଥରେ ଦୁଇଥର ଯେଉଁ ବଡ଼ ପ୍ରୋଗ୍ରାମ୍ ହେଉଛି ସେଥିରେ ଟେଂଟ୍ ଲଗାଇଦିଅନ୍ତୁ ଏବଂ ସେଥିରେ ଚା ପାଣିର ବ୍ୟବସ୍ଥା ମସ୍‌ଜିଦ୍ ଭିତରେ ଠିକ୍ ରହିବ । ଯେପରି ମୁଁ କହିଲି ଯେ ଖାଦ୍ୟରେ ମସଲାର ବାସ୍ନା ରହିଥାଏ ତେଣୁ ତାହା ମସ୍‌ଜିଦ୍‌ରେ ବ୍ୟାପି ଯାଇଥାଏ ଏବଂ ବହୁତ ଡେରି ପର୍ଯ୍ୟନ୍ତ ରହିଥାଏ ସେଥିପାଇଁ ଭୋଜନ ଇତ୍ୟାଦି ମସ୍‌ଜିଦ୍ ଭିତରେ କରାଇବା ଉଚିତ୍ ନୁହେଁ ।

ଆଉ ଗୋଟିଏ ଯମାତ୍‌ର ସଦର୍ ସାହେବ୍ କହିଲେ ଯେ ଫିଲ୍‌ଡ୍‌ରେ ଆମର ଯେଉଁ ମିଟିଂ ବା ଇଜିଲାସ୍ ଇତ୍ୟାଦି ହେଉଛି ସେଥିରେ କୃତ୍ରିମତାରେ ପରିପୁର୍ଣ୍ଣ ଦେଖାଣିଆ ଖାଦ୍ୟ ବହୁତ ଜୋର୍‌ରେ ପ୍ରଥାର ରୂପ ନେଇ ଗଲାଣି । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯଦି ନିଜ ପଇସାରେ କେହି କୃତ୍ରିମତାରେ ପରିପୁର୍ଣ୍ଣ ଦେଖାଣିଆ ଖାଦ୍ୟ ଖୁଆଉଛି ତେବେ ତାଙ୍କୁ ଖୁଆଇବାକୁ ଦିଅନ୍ତୁ କିନ୍ତୁ କିଛି ଦିନ ଅଛି ଯେପରି ୟୋମେ ମସିହ୍ ମଉଦ୍, ସିରତୁନ୍‌ନବୀ ସ:ଆ:ସ ବା ଏହିପରି ଅନ୍ୟଦିନ ଅଛି ଯେବେ ଯମାତି, ଜଲ୍‌ସା ଏବଂ ଆଉ ଅନେକ ପ୍ରୋଗ୍ରାମ୍ ହୋଇଥାଏ, ସେତେବେଳେ ଯମାତ୍ ତରଫରୁ ସାଦା ଖାଦ୍ୟ ପ୍ରସ୍ତୁତ କରନ୍ତୁ । ଏତେ ଦେଖାଣିଆ ଭୋଜନର କଣ ଆବଶ୍ୟକତା । ସାଲନ୍ ରୋଟି (ରୋଟି ତରକାରୀ) କରିଦିଅ ବା ଭାତ କରିଦିଅ ବା କେବଳ ବିରିଆନି ଏବଂ ଦହି ହୋଇଯାଉ । ଅଧିକ ଖାଦ୍ୟର କଣ ଆବଶ୍ୟକତା ଅଛି । ଯଦି ସ୍ଥାନୀୟ ଇନ୍‌ତେଯାମିଆ ନିଜେ ଖର୍ଚ୍ଚ କରୁଛନ୍ତି ତେବେ ଠିକ୍ ଅଛି କିନ୍ତୁ ମର୍କଜି ବଜେଟ୍ ଦେବାର କୌଣସି ଆବଶ୍ୟକତା ନାହିଁ । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମୋବୋଲିଗ୍ ଇନ୍‌ଚାର୍ଜ ସାହେବ୍‌ଙ୍କୁ ସମ୍ବୋଧନ କରି କହିଲେ ମୁବଲିଗିନ୍ ଙ୍କର ଯେତେବେଳେ ମାସିକ ମିଟିଂ କରୁଛନ୍ତି ସେତେବେଳେ ସ୍ଥାନ ପରିବର୍ତନ କରି କରନ୍ତୁ । ଦୂର ଦୂର ଯମାତ ଗୁଡ଼ିକରେ କରନ୍ତୁ । ମିଟିଂ ସହିତ ଅନ୍ୟ ତରବିୟତି ପ୍ରୋଗ୍ରାମ୍ ମଧ୍ୟ ହୋଇଥାଏ । ଦୂର ଦୂରାନ୍ତ ବଡ଼ ବଡ଼ ଯମାତକୁ ଯାଆନ୍ତୁ ଯଦ୍ୱାରା ଯମାତ ଗୁଡ଼ିକ ମଧ୍ୟ ଏହା ଜାଣି ରଖନ୍ତୁ ଯେ ମୁରବୀ ମାନେ କାମ କରୁଛନ୍ତି । ଏବଂ ମୁରବୀମାନେ ମଧ୍ୟ ଜାଣନ୍ତୁ ଯେ କେଉଁ କେଉଁଠାରେ ଯମାତ ଅଛି ଏବଂ କିପରି ସେମାନଙ୍କର କାମ ହେଉଅଛି । ଏହାଦ୍ୱାରା ଆପୋଷରେ ଯୋଗାଯୋଗ ଏବଂ ସମ୍ପର୍କ ମଧ୍ୟ ପ୍ରତିଷ୍ଠା ହୋଇଥାଏ ।

୮:୪୫ ରେ ଏହି ମିଟିଂର ପରିସମାପ୍ତି ହେଲା । କ୍ରମଶଃ...

**(ବ ହଓ୍ୱାଲା ଅଖବାର୍ ବଦର୍ ୦୬/ଜୁଲାଇ-୨୦୧୭**

✲✲✲✲✲✲✲✲✲✲✲✲

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
The Weekly Qadian **BADAR** ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
Postal Reg. No.GDP-40/2017-2019 Vol.2 Thursday 12 OCT 2017 Issue No. 41

MANAGER
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.300/- (Per Issue:Rs.6/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜର୍ମାନୀ ଗସ୍ତ ଏପ୍ରିଲ୍ ୨୦୧୭

(ରିପୋର୍ଟ:-ଅବ୍‌ଦୁଲ୍ ମାଜିଦ୍ ତାହେର୍, ଏଡ଼ିଶିନାଲ୍ ଓକିଲୁଲ୍ ତବ୍‌ଶିର୍ ଲଣ୍ଡନ୍)

## ବାକି ରିପୋର୍ଟ

## ୨୩ ଏପ୍ରିଲ୍ ୨୦୧୭

### ଏଡ଼ିଶିନାଲ୍ ସେକ୍ରେଟାରୀ ଜାଏଦାଦ୍

### (ଶହେଟି ମସ୍‌ଜିଦ୍ ନିର୍ମାଣର ଯୋଜନା)

ହଜୁର୍ ଅନୁୱର୍ ଅ:ବ:ଅ ମସ୍‌ଜିଦ୍ ଗୁଡିକର ବଜେଟ୍ ସମ୍ବନ୍ଧରେ ଅନୁଧ୍ୟାନ କରିବା ପରେ ଶହେଟି ମସ୍‌ଜିଦ୍‌ର ନିର୍ମାଣ ବାବଦରେ ଅମୀର୍ ସାହେବ୍ ଜର୍ମାନୀଙ୍କୁ ନିର୍ଦ୍ଦେଶ ଦେଇ କହିଲେ:- ଆପଣ ଏହି ପ୍ରୋଜେକ୍ଟ ପାଇଁ ଜେଲି ତନ୍‌ଜିମ୍ ମାନଙ୍କଠାରୁ ମଧ୍ୟ କରଜ ନେଇଛନ୍ତି ଏବଂ ତାଙ୍କ ବହୁତ ଗୁଡିଏ ଟଙ୍କା ଫେରସ୍ତ କରିବାକୁ ହେବ । ଏହାର ଅର୍ଥ ହେଉଛି ଯେ ଏପରି ପରିସ୍ଥିତିରେ ବର୍ତମାନ ଆପଣଙ୍କୁ ଆଉ ଅଧିକା ମସ୍‌ଜିଦ୍ ନିର୍ମାଣକୁ ରୋକି ଦେବାକୁ ପଡ଼ିବ । ଏବଂ ବର୍ତମାନ ଯେଉଁଗୁଡିକ ନିର୍ମାଣାଧିନ ଅଛି ପ୍ରଥମେ ତାକୁ ସମ୍ପୂର୍ଣ୍ଣ କରିବାକୁ ହେବ ।

ଏହାପରେ ହଜୁର୍ ଅନୁୱର୍ ଅ:ବ:ଅ ଗସ୍ତ ଭିତରେ ଯେଉଁ ମସ୍‌ଜିଦ୍ ଗୁଡିକର ମୂଳଦୁଆ ରଖିଲେ ସେମାନଙ୍କର ବଜେଟ୍ ସମ୍ପର୍କରେ ସବିଶେଷ ଅନୁଧ୍ୟାନ କଲେ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଆର୍ଥିକ ଅବସ୍ଥା ତ ଆପଣଙ୍କୁ ଜଣା.. ପ୍ରତ୍ୟେକ ଜିନିଷ କରଜରେ ଚାଲିଛି । ଆପଣଙ୍କୁ କରଜ ପଇଠ କରିବାକୁ ମଧ୍ୟ ହେବ । ବର୍ତମାନ ଆପଣମାନଙ୍କୁ ବହୁତ ବଡ଼ ଧନରାଶି ମର୍କଜକୁ ପଇଠ କରିବାକୁ ପଡ଼ିବ । ମର୍କଜର ଦୁନିଆରେ ନିଜର ବହୁତ ଗୁଡିଏ ପ୍ରୋଜେକ୍ଟ ଚାଲିଛି । ଆପଣମାନେ ନିଜ ଗୋଡ଼ ଏତେ ଲମ୍ବା କାହିଁକି କରୁଛନ୍ତି । ଯେତିକି ପାରିବ ସେତିକି କରନ୍ତୁ । ଯେଉଁ ଯମାତ ଗୁଡିକ ମସ୍‌ଜିଦ୍ ନିର୍ମାଣ ବାବଦରେ ପ୍ରଥମେ କୁର୍ବାନୀ ଦେଇସାରିଛନ୍ତି ଏବଂ ଏକ ମିଲିୟନ୍ ଦେଇସାରିଛନ୍ତି ବା ପାଂଚ ମିଲିୟନ୍ ବା ଛଅ ମିଲିୟନ୍ ଦେଇଛନ୍ତି ପ୍ରଥମ (Preference) ସେମାନଙ୍କୁ ଦେବା ଉଚିତ୍ ଥିଲା । ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଗୋଟିଏ Preference order ହେବା ଉଚିତ୍ । ସେଥିରେ କେଉଁ କେଉଁ ଯମାତ କେତେ କେତେ ଟଙ୍କା ଦେଇଛନ୍ତି ଏବଂ ଯଦି କୌଣସି ବିଶେଷ କାରଣ ଯୋଗୁଁ କେଉଁଠାରେ ମସ୍‌ଜିଦ୍ ତିଆରି କରୁଛନ୍ତି ଏବଂ ସେହି କାରଣ ଗୁଡିକ ଜଣାଯିବା ଉଚିତ୍ ଯେ ତାକୁ କାହିଁକି (Preference) ଦିଆଯାଉଛି ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଗୋଟିଏ ସମ୍ପୂର୍ଣ୍ଣ ଶିଟ୍ ତିଆରି କରନ୍ତୁ ଯେ ବର୍ତମାନ କେଉଁ କେଉଁଠାରେ ଆପଣମାନଙ୍କର ନିର୍ମାଣାଧିନ ମସ୍‌ଜିଦ୍ ଅଛି, କେଉଁଠାରେ ମୂଳଦୁଆ ରଖାଯାଇସାରିଛି । ଆପଣଙ୍କ ପାଖରେ ବର୍ତମାନ ଫଣ୍ଡର ପୋଜିସନ୍ କଣ ଅଛି । ଆପଣଙ୍କର କରଜର ପୋଜିସନ୍ କଣ ଅଛି । ଗୋଟିଏ ବର୍ଷରେ ଆପଣ କେତେ ଫଣ୍ଡ ଏକାଠି କରିପାରିବେ । ତାର ନକ୍‌ସାଗୁଡିକ କିପରି ଅଛି । ଏହି ସମସ୍ତ ଜିନିଷ ମର୍କଜକୁ ଆଣନ୍ତୁ । ଆଗକୁ କିଛି ଦିନ ପାଇଁ ଏହି ସବୁ କାମ ଗୁଡିକ ମୁଁ ନିଜ ହାଜରେ ନେଉଅଛି । ମସ୍‌ଜିଦ୍ ଗୁଡିକର ଆପ୍ରୁଭାଲ୍, ମସ୍‌ଜିଦ୍ ଗୁଡିକର ନକ୍‌ସା, ମସ୍‌ଜିଦ୍ ଗୁଡିକର ଫଣ୍ଡ ଏହା ସବୁ ଲଣ୍ଡନ ଆସି ମଞ୍ଜୁରୀ କରାନ୍ତୁ । ଲୋକାଲ୍ ଯମାତ୍‌ରେ ଏହାର କୌଣସି ଅଧିକାର ରହିବା ନାହିଁ ।

ଅମୀର୍ ସାହେବ୍ ଜର୍ମାନୀ କହିଲେ ଯେ ଇଷ୍ଟ ଜର୍ମାନୀରେ ଲିପ୍‌ଜିଗ୍ ଏବଂ ଏର୍‌ଫର୍ଟ ଠାରେ ଦୁଇଟି ମସ୍‌ଜିଦ୍ ନିର୍ମାଣ ହେଉଅଛି । ହଜୁର୍‌ଙ୍କ ପଚାରିବା ପରେ ଅମୀର୍ ସାହେବ୍ ଜର୍ମାନୀ କହିଲେ ସେଠି ଯମାତ ନାମକୁ ମାତ୍ର ଅଛି । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଯଦି ସେଠି ଯମାତ୍ ହିଁ ନାହିଁ ତେବେ ମସ୍‌ଜିଦ୍ କାହିଁକି ନିର୍ମାଣ କରିଛ । ମୁଁ ତ ଆପଣମାନଙ୍କୁ କହିନାହିଁ ଯେ ସେଠାରେ ମସ୍‌ଜିଦ୍ ନିର୍ମାଣ କରନ୍ତୁ ଏବଂ ନା ଆପଣମାନେ ମୋ ଠାରୁ ଅନୁମତି ନେଇଛନ୍ତି । ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଯେଉଁଠାରେ ଯମାତ୍ ନାହିଁ ଏହିପରି କୌଣସି ଯାଗାରେ ବର୍ତମାନ ମସ୍‌ଜିଦ୍ ନିର୍ମାଣ ହେବନାହିଁ । ପ୍ରଥମେ ସେହି ସ୍ଥାନଗୁଡିକ Preference ଦିଆଯିବ ଯେଉଁଠାରେ ଆମର ଯମାତ୍ ଅଛି । ଯେଉଁଠି ଯମାତ୍ ନାହିଁ ସେଠାରେ ମସ୍‌ଜିଦ୍ ନିର୍ମାଣ କରିବାର କଣ ଉଦ୍ଦେଶ୍ୟ ? ଯେପରି ପୈଗାମୀ (ଗୋଟିଏ ଫିର୍‌କା) ମାନେ ବର୍‌ଲିନ୍‌ଠାରେ ମସ୍‌ଜିଦ୍ ନିର୍ମାଣ କରିଛନ୍ତି । ସେହିପରି ଆପଣମାନେ ମଧ୍ୟ କଣ କେବଳ ଚିହ୍ନ ପାଇଁ ମସ୍‌ଜିଦ୍ ବନାଇବାକୁ ଚାହୁଁଛନ୍ତି ? ସେଥିଯୋଗୁ ପ୍ରଥମେ ଅଗ୍ରାଧିକାର ସେହି ସ୍ଥାନଗୁଡିକୁ ଦିଆଯିବ ଯେଉଁଠାରେ ଆମ ଯମାତର ଅଧିକା ସଂଖ୍ୟା ଅଛି । ଇଷ୍ଟ ଜର୍ମାନୀରେ ମସ୍‌ଜିଦ୍ ବନାଇବାର ଯାହା ଯୋଜନା ସବୁ ଅଛି ତାକୁ ବର୍ତମାନ ରୋକି ଦିଆଯାଉ । ଆଗକୁ ମସ୍‌ଜିଦ୍‌ର ଯାହା ପରିସ୍ଥିତି ହେବ, ଯାହା ଫଣ୍ଡର ପରିସ୍ଥିତି ଅଛି ଏବଂ ଯାହା ଯୋଜନା କରାଯାଇଛି ସେ ସବୁକୁ ମୋ ପାଖକୁ ନେଇଆସନ୍ତୁ । ମୁଁ ନିଜେ ଫଇସଲା କରିବି ଯେ କଣ କରିବାକୁ ହେବ ଏବଂ କଣ ନ କରିବାକୁ ହେବ । ହଜୁର୍ ଅନୁୱର୍ ଅ:ବ:ଅ କହିଲେ ନ୍ୟାସିନାଲ୍ ଆମେଲା, ଲୋକାଲ୍ ଆମେଲା ଏବଂ ଲୋକାଲ୍ ଏଡ୍‌ମିନ୍‌ଷ୍ଟ୍ରେସନ୍ ନିକଟରେ ବର୍ତମାନ ମସ୍‌ଜିଦ୍ ନିର୍ମାଣ ନିମନ୍ତେ କୌଣସି ଅଧିକାର ରହିବ ନାହିଁ । ପ୍ରତ୍ୟେକ ଡିମାଣ୍ଡ ମୋ ପାଖକୁ ନେଇ ଆସନ୍ତୁ ଏବଂ ମୋତେ ଜଣାନ୍ତୁ ।

ଏହାପରେ ଏଡିଶିନାଲ୍ ସେକ୍ରେଟାରୀ ଜାଏଦାଦ୍ କହିଲେ ଯେ ଫଣ୍ଡ ରେଜିଂରେ ଆମକୁ ଏକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି ଯେ ଯେଉଁଠି ମସ୍‌ଜିଦ୍ ନିର୍ମାଣ କରିବାର ଯୋଜନା ହେଉଛି, ଯେବେ ସେଠାରେ ମସ୍‌ଜିଦ୍ ନିର୍ମାଣ ହୋଇଯାଉଛି ତେବେ ଲୋକମାନଙ୍କୁ ଜଣାପଡ଼ିଯାଉଛି ଯେ ଏହି ମସ୍‌ଜିଦ୍ ବର୍ତମାନ କମ୍ପ୍ଲିଟ୍ ହୋଇଯିବା ଉଚିତ୍ । ସେଥିଯୋଗୁଁ ପଇଠ କରିବାରେ ଅଳସୁଆମି ଆସିଯାଉଛି । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଏହି ସବୁ ସମସ୍ୟା ଗୁଡିକ ତ ହେଉଅଛି । ସେଥିପାଇଁ ସେ ସମୟରେ କାମ ଆରମ୍ଭ ହେବ ଯେତେବେଳେ ଲୋକମାନେ ଯେଉଁ ପ୍ରତିଶ୍ରୁତି କରିଛନ୍ତି ତାର ଅତି କମ୍‌ରେ ୯୦ ପ୍ରତିଶତ ପଇଠ କରିବେ ନଚେତ୍ କାମ ଆରମ୍ଭ ହେବନାହିଁ ।

ଏହାପରେ ଆମେଲାର ଜଣେ ମେମ୍ବର୍ କହିଲେ ଯେ ଜେଲି ତନ୍‌ଜିମ୍‌ଙ୍କୁ ଯେଉଁ ଟାର୍ଗେଟ୍ ଦିଆଯାଉଛି ସେମାନଙ୍କ ମଧ୍ୟରୁ ଖୁଦାମୁଲ୍ ଅହେମଦୀୟା ଏବଂ ଲଜନା ଇମାଇଲାର ଟାର୍ଗେଟ୍ ପଛ ବର୍ଷ ଠାରୁ Pile up ହେଉଅଛି । ଏବଂ ଏକ ମିଲିଅନ୍‌ରୁ ଅଧିକା ଆମାଉଂଟ୍ ଆସୁଅଛି । କିନ୍ତୁ ଅଂଶାରୁଲ୍ଲାଙ୍କ ପାଖରେ କମ୍ ହେଉଛି । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଏହାତ ଜେଲି ତନ୍‌ଜିମ୍ ଗୁଡିକର Generosity ଏବଂ favour ଅଟେ ଯାହା ସେ ଆପଣମାନଙ୍କୁ ଦେଉଅଛନ୍ତି ସେମାନେ ଜିମେଦାର୍ ନୁହଁନ୍ତି । ମସ୍‌ଜିଦ୍ ତିଆରି କରିବା ନିମନ୍ତେ ଯମାତ୍ ଜିମେଦାର୍ ଅଟେ । ମୁଁ ତ ଜେଲି ତନ୍‌ଜିମ୍ ଗୁଡିକୁ ଏହା କହି ଟାର୍ଗେଣ ଦେଇଥିଲି ଯେ ଆପଣମାନଙ୍କର ସାହାଯ୍ୟ ହେବା ଉଚିତ୍ ନଚେତ୍ ମସ୍‌ଜିଦ୍ ନିର୍ମାଣ ପାଇଁ ଫଣ୍ଡ ଏକାଠି କରିବା ସେମାନଙ୍କ ପାଇଁ ଧାର୍ଯ୍ୟ ନୁହେଁ । ଏହା ଆପଣଙ୍କ ପାଇଁ ହେଉଛି ଧାର୍ଯ୍ୟ ଯେ ଆପଣ ନିଜେ ଏକାଠି କରନ୍ତୁ । ଯଦି ଖୁଦାମୁଲ୍ ଅହେମଦୀୟ, ଅନ୍‌ସାରୁଲ୍ଲା ଏବଂ ଲଜନା ମାନଙ୍କୁ ଆଜି ମୁଁ କହିଦେବି ଯେ ତୁମେମାନେ ଆଉକିଛି ଦେବନାହିଁ ବୋଲି ତେବେ ଆପଣମାନଙ୍କର କଣ ହେବ ? ଏହି ଫଣ୍ଡ ଏକାଠି କରିବା ହେଉଛି ଆପଣମାନଙ୍କର କାମ । ଆପଣ ଅନ୍ୟମାନଙ୍କ ଉପରେ ଲଦନ୍ତୁ ନାହିଁ । ଯଦି ଜେଲି ତନ୍‌ଜିମ୍ ଆପଣମାନଙ୍କୁ ସାହାଯ୍ୟ କରୁଛନ୍ତି ତେବେ ଠିକ୍ ଅଛି । କିନ୍ତୁ ଏହି ସାହାଯ୍ୟ କରିବା ଅର୍ଥ ନୁହେଁ ଯେ ଆପଣମାନେ ସବୁତକ ବୋଝ ତାଙ୍କ ଉପରେ ପକାଇ ଦିଅନ୍ତୁ । ନିଜ କାମକୁ ଅନ୍ୟ ଉପରେ ପକାଇବାର ଏହି ଅଭ୍ୟାସକୁ ଶେଷ କରନ୍ତୁ । ଜେଲି ତନ୍‌ଜିମ୍ ଗୁଡିକ ଯାହାକିଛି ଦେଉଛନ୍ତି ସେଗୁଡିକ ହେଉଛି ତାଙ୍କର

ଅବଶିଷ୍ଟାଂଶ ପୃଷ୍ଠା-୭ ରେ ଦେଖନ୍ତୁ......

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan